150 YEARS OF CELEBRATING THE MAHATMA



# ନୂଆ ଭାରତ ପାଇଁ ଗଢୁଛୁ ଏକ ସୁସ୍ଥ ଶ୍ରମବଳ

ସରକାର ଦେଶର ସମସ୍ତ ଜିଲ୍ଲାକୁ ଅନ୍ତର୍ଭୁକ୍ତ କରୁଥିବା ଇଏସ୍ଆଇସିର ସେବା ଯୋଗାଣ ପଦ୍ଧତିକୁ ସୁଦୃଢ଼ ତଥା ଉନ୍ନତ କରି ଭାରତର ଶ୍ରମବଳର ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସୁନିଶ୍ଚିତ କରୁଛନ୍ତି ।

## ଇଏସ୍ଆଇସିର ସଫଳତା




ବୀମାଭୁକ୍ତ ବ୍ୟକ୍ତିମାନଙ୍କ ସଂଖ୍ୟା




ହିତାଧିକାରୀଙ୍କ ସଂଖ୍ୟା




ଇଏସ୍ଆଇ ଅନ୍ତର୍ଭୁକ୍ତତା ସ୍ଥିତି

## ଇଏସ୍ଆଇସିର ପଦକ୍ଷେପ

### ହେଲ୍‌ଥ ପାସ୍ ବୁକ୍
ହିତାଧିକାରୀ ଚିହ୍ନଟୀକରଣ, ନୈଦାନିକ ଫଳାଫଳଏବଂ ବୀମା ଚିକିତ୍ସା ବୃତ୍ତିଧାରୀ(ମାନ)ଙ୍କ ପରାମର୍ଶର ରେକର୍ଡରକ୍ଷା ପାଇଁ ଏକ ଉପଯୋଗକର୍ତ୍ତା-ଅନୁକୂଳ ପୁସ୍ତିକା ।

### ସଂଶୋଧିତ ଆଇଏମ୍‌ପି ଯୋଜନା
ବୀମାଭୁକ୍ତ ବ୍ୟକ୍ତି ଏବଂ ସେମାନଙ୍କ ପରିବାରଙ୍କୁ ସ୍ଥାନୀୟ ତାଲିକାଭୁକ୍ତ ଘରୋଇ ସ୍ୱାସ୍ଥ୍ୟ ବୃତ୍ତି ଧାରୀ, କେମିଷ୍ଟ ଓ ଡାଇଗ୍ନୋଷ୍ଟିକ୍ କେନ୍ଦ୍ର ମାଧ୍ୟମରେ ପ୍ରାଥମିକ ଚିକିତ୍ସା ସେବା ହାସଲ କରିବାରେ ସକ୍ଷମ କରୁଛି ।

### ଡିସ୍‌ପେନ୍‌ସାରି-ତଥା-ଶାଖା କାର୍ଯ୍ୟାଳୟ (ଡିସିବିଓ)
ଏକ ପର୍ଯ୍ୟାୟକ୍ରମିକ ପଦ୍ଧତିରେ ପ୍ରତ୍ୟେକ କାର୍ଯ୍ୟାନ୍ୱିତ ଜିଲ୍ଲାରେ ରୋଗୀ ସେବା ତଥା ନଗଦ ଲାଭ ଯୋଗାଉଥିବା ଏକ ସିଙ୍ଗଲ୍ ୱିଣ୍ଡୋ ।

### ଅଟଳ ବୀମିତ ବ୍ୟକ୍ତି କଲ୍ୟାଣ ଯୋଜନା
ବୀମାଭୁକ୍ତ ବ୍ୟକ୍ତି କର୍ମନିଯୁକ୍ତି ହରାଇ ନୂଆ ଚାକିରିର ସନ୍ଧାନ କରୁଥିବା କ୍ଷେତ୍ରରେ ସିଧାସଳଖ ବ୍ୟାଙ୍କ ଖାତାରେ ନଗଦ ସହାୟତା ପୈଠଯୋଗ୍ୟ ।











ଏବେ ଅସମ୍ଭବ ହୋଇଛି ସମ୍ଭବ

श्रम एवं रोजगार मंत्रालय
Ministry of Labour & Employment
भारत सरकार (Government of India)
Website: www.labour.gov.in
@Labourministry @Labourministry

कर्मचारी राज्य बीमा निगम
Employees' State Insurance Corporation
www.esic.nic.in, www.esic.in
@ESICHQ @ESICHQ Employees State Insurance Corporation

# ବିଧାୟକଙ୍କ ଦ୍ୱାରା ୨ ପ୍ରକଳ୍ପ ଉଦ୍‌ଘାଟିତ

**ରାଜନଗର, ୪।୩ (ଡି.ଏନ୍.ଏ.)**



ଶିଳାନ୍ୟାସ ଉତ୍ସବରେ ବିଧାୟକ ଅଂଶୁମାନ ମହାନ୍ତି ଓ ଅନ୍ୟମାନେ।

ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ସୋମବାର ୨ ପ୍ରକଳ୍ପର ଶିଳାନ୍ୟାସ ଓ ୨ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ତିଅର ଛକ ପୂର୍ତ୍ତ ବିଭାଗ ରାସ୍ତା–ଡାଗୁଆ ରାସ୍ତାର ଉନ୍ନତୀକରଣ, କଳିଆପୀଠ–ମୁଗକଣୀ ଭାୟା ନୋଧାବସନ୍ତଠାରେ ଚେକ୍ ଡ୍ୟାମ ନିର୍ମାଣର ଶିଳାନ୍ୟାସ କରିଛନ୍ତି। ଏଥିସହ ନୋଧାବସନ୍ତଠାରେ ୧୦୦ କେଭି ଟ୍ରାନ୍ସଫର୍ମର ଓ ଚନ୍ଦ୍ରଶିଖରଠାରେ ନିର୍ମିତ କମ୍ୟୁନିଟି ସେଣ୍ଟର ବିଧାୟକ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ଚୌଧୁରୀ ରବୀନ୍ଦ୍ର କୁମାର ରାଉତରାୟ, ଜୋନ୍ ସଭାପତି ଦେବେନ୍ଦ୍ର କୁମାର ଜେନା, ଅଶୋକ କୁମାର ବଳ, କୁରୁଣ୍ଟି ପଞ୍ଚାୟତ ସମିତିସଭ୍ୟ ସନ୍ତୋଷ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ରଞ୍ଜନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

# ମହାଦେବଙ୍କ ଜାଗର ଯାତ୍ରା

**କେନ୍ଦ୍ରାପଡା ଅଫିସ, ୪।୩**

କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ଜାଗରଯାତ୍ରା ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ସହରର କଚେରି ରୋଡଠାରେ ଶ୍ରୀ ମହାବୀର ହନୁମାନ ଉପାସନା ସମିତି ପକ୍ଷରୁ ରୁଦ୍ରଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସେହିପରି କଜଳା ବିଲେଶ୍ୱର ମହାଦେବଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଛି। ଏଠାରେ ପ୍ରାତଃ ୪ଟା ସମୟରେ ମହାଦେବଙ୍କ ମହାସ୍ନାନ କରାଯାଇ ପ୍ରାତ ୫ଟା ସମୟରେ ମଙ୍ଗଳ ଆରତି କରାଯାଇଥିଲା। ସନ୍ଧ୍ୟାରେ ମହାଭିଷେକ କରାଯାଇଥିଲା। ମନ୍ଦିର ପରିସରରେ ବହୁ ଭକ୍ତ ଉପବାସ ବ୍ରତ ପାଳନ କରି ମହାଦୀପ ଉଠିବା ପର୍ଯ୍ୟନ୍ତ ବସି ରହିଥିଲେ। ରାତି ୧୧ଟା ସମୟରେ ମହାଦୀପ ଉଠିଥିଲା। ଏହି ଜାଗର ଯାତ୍ରାକୁ ବିଲେଶ୍ୱର ମନ୍ଦିର କମିଟି ସଭାପତି ମହେନ୍ଦ୍ର ମିଶ୍ର, ସମ୍ପାଦକ ଗୌତମ ମଲ୍ଲିକ, ନିମାଁଇ ଚରଣ ଦାସ, ସୁରେନ୍ଦ୍ର ସାହୁ, ଦେବରାଜ କର, ପୃଥ୍ୱୀରାଜ କର ଓ ଶୁଭମ୍ କୁମାର ବେହୁରା ପ୍ରମୁଖ ପରିଚାଳନା କରିଥିଲେ।

# ମାଇଁ ଚାଇଲ୍ଡ ଜୋନାଲ କାର୍ଯ୍ୟାଳୟ ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୪।୩:** ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇଏସ୍‌କେ ଇଣ୍ଡିଆ ଦ୍ୱାରା ପରିଚାଳିତ ଗରାପୁରସ୍ଥିତ ମାଇଁ ଚାଇଲ୍ଡ ପକ୍ଷରୁ କେନ୍ଦ୍ରାପଡା ବ୍ଲକର ଘାଘରାଠାରେ ଏକ ଜୋନାଲ କାର୍ଯ୍ୟାଳୟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଏଥିଲାଗି ଆୟୋଜିତ ସଭାରେ ଅନୁଷ୍ଠାନର ପ୍ରକଳ୍ପ ନିର୍ଦ୍ଦେଶକ ହରେକୃଷ୍ଣ ମହାପାତ୍ର ଅଧ୍ୟକ୍ଷତା କରିଥିବା ବେଳେ ଏହାର ଅଧ୍ୟକ୍ଷ ସୁଶାନ୍ତ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଧୁନିକ ଶିକ୍ଷା ବଳୟରେ ପୁରାତନ ସଂସ୍କୃତି ନଷ୍ଟ ହେଉଥିବା ନେଇ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ସମନ୍ୱୟର ଆବଶ୍ୟତା ରହିଛି ବୋଲି ଆଲୋଚକମାନେ ଅନୁଭବ କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ମହେଶ୍ୱର ସେଠୀ, ଦିଲୀପ କୁମାର ମହାନ୍ତି, ବସନ୍ତ କୁମାର ମଲ୍ଲିକ, କମଳାକାନ୍ତ ଦାଶ, ସୁଦର୍ଶନ ମଲ୍ଲିକ, ସଞ୍ଜୟ କୁମାର ଦାଶ, ପ୍ରଶାନ୍ତ କୁମାର ସ୍ୱାଇଁ ଓ ମିନତି ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ପୁଲ୍‌ୱାମା ଶହୀଦଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ‘ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସରକାରଙ୍କ ସହଯୋଗ ଆବଶ୍ୟକ’




ଉତ୍ସବରେ ମଞ୍ଚାସୀନ ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୪।୩:** କେନ୍ଦ୍ରାପଡା ବ୍ଲକ ଭରତପୁର ପଞ୍ଚାୟତ ଅନ୍ତର୍ଗତ ମେହେନ୍ଦିପୁରସ୍ଥିତ ଲାଲ ବାହାଦୁର ନୋଡାଲ ଉଚ୍ଚ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ଓ ପୁରାତନ ଛାତ୍ର ସଂସଦର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପ୍ରଧାନଶିକ୍ଷକ ଦିବାକର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲାପାଳ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଶିକ୍ଷାବିତ୍ ନନ୍ଦ କିଶୋର ପରିଡା ଓ ସମ୍ମାନିତ ଅତିଥିଭାବେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର, ଡ. ପ୍ରହଲ୍ଲାଦ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ରାଜକିଶୋର ନାଥଶର୍ମା ଏବଂ ସରପଞ୍ଚ ଜିନତପ୍ରିୟଦର୍ଶିନୀ ରାଉତ ଯୋଗଦେଇଥିଲେ। ଅତିଥିମାନେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସରକାରଙ୍କ ସହଯୋଗ ଓ ଶିକ୍ଷାର୍ଥୀଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷକ ବାଇଧର ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ହେମନ୍ତ କୁମାର ଜେନା ସ୍ୱାଗତ ଭାଷଣ ଦେଇଥିଲେ। ହିମାଂଶୁ ଭୂଷଣ ରାଉତ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପୁରାତନ ଛାତ୍ର ସଂସଦର ବିଜୟ କୁମାର ଦାସ, ଶିକ୍ଷକ ସନ୍ତୋଷ କୁମାର ଦାସ, କ୍ଷୀରୋଦ ଚନ୍ଦ୍ର ପଣ୍ଡା ଓ ପ୍ରକାଶ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇଏଲ୍‌ସିଓଏନ୍‌କେଜିପି-ରାଣିତାଲ-ଏଲ୍‌ପି-୧୯-୦୧, ତାରିଖ: ୦୨।୦୩।୨୦୧୯। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ସିଓଏନ୍), ଦକ୍ଷିଣ ପୂର୍ବ ରେଳପଥ, ଖଡ୍ଗପୁର ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ଇ–ଟେଣ୍ଡରକୁ ଧାର୍ଯ୍ୟ ତାରିଖ ଦିନ ୧୫.୦୦ ଘଟିକାରେ ବନ୍ଦ କରିଦିଆଯିବ। **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଖଡ୍ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳପଥର ରାଣିତାଲଠାରେ ୨୫କେଭି ଓଏଚ୍‌ଇର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ ଏବଂ ଅପ୍ ଦିଗ କମନ୍ ଲୁପ୍ ଏବଂ ଡାଉନ୍ ଦିଗରେ ରିସେପ୍ସନ୍ ଓ ଡେସ୍‌ପାଚ୍ ସୁବିଧା ସହିତ ଅତିରିକ୍ତ ଲୁପ୍‌ର ବ୍ୟବସ୍ଥା ଲାଗି ସାଧାରଣ ସେବା କାର୍ଯ୍ୟ। । **ମୂଲ୍ୟ:** ₹୧,୬୩,୯୧,୬୨୦.୯୫। **ସମାପ୍ତି ଅବଧି:** ୧୨ (ବାର) ମାସ। **ଧାର୍ଯ୍ୟ ତାରିଖ ଓ ସମୟ:** ତା୨୭।୦୩।୨୦୧୯ରିଖ ୧୫.୦୦ ଘଟିକା। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in [ଇ-ଟେଣ୍ଡର -> କାର୍ଯ୍ୟ -> ଟେଣ୍ଡର ଦେଖନ୍ତୁ -> ସଙ୍ଗଠନ ଦ୍ୱାରା -> ଆଇଆର୍-ଇଲେକ୍ଟ୍ରିକାଲ୍->ଦକ୍ଷିଣ ପୂର୍ବ ରେଳପଥ/ଡିଓ୍ୱାଇସିଇଇ-ସି-କେଜିପି-ଇଲେକ୍ଟ୍ରିକାଲ] ପରିଦର୍ଶନ କରନ୍ତୁ। (PR-1249)



CLASSIFIED DISPLAY





















"ବଳ ପ୍ରୟୋଗ କରି ଶାନ୍ତି ପ୍ରତିଷ୍ଠା କରାଯାଇ ନ ପାରେ, ବୁଝାମଣା ଦ୍ୱାରା ହିଁ ତାହା ସମ୍ଭବ।
- ଆଇନଷ୍ଟାଇନ



## ସଂକ୍ଷେପରେ

### କଲେଜର ନୂତନ ଗୃହ ଉଦ୍‌ଘାଟିତ

**ଧର୍ମଶାଳା,୪।୩(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଦଧିବାମନ ଜୀଉ ସଂସ୍କୃତ ମହାବିଦ୍ୟାଳୟର ନୂତନ ଗୃହ ସୋମବାର ଉଦ୍‌ଘାଟିତ ହୋଇଯାଇଛି । ଯାଜପୁର ଏମ୍‌ପି ରୀତା ତରାଇ ଓ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଅତିଥିଭାବେ ଯୋଗଦେଇ ନୂତନ ଗୃହର ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବ୍ଲକରେ ଗଡି ଉଠିଥିବା ସଂସ୍କୃତ ମହାବିଦ୍ୟାଳୟଗୁଡିକର ଉନ୍ନତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ । କଲେଜର ନୂତନ ଶ୍ରେଣୀ ଗୃହ ନିର୍ମାଣ ଲାଗି ଉଚ୍ଚ ଶିକ୍ଷାବିଭାଗ ଭିତିଭୂମି ପାଣ୍ଠିରୁ ୧୪ଲକ୍ଷ ୪୦ହଜାର ଟଙ୍କା ବ୍ୟୟ କରାଯାଇଥିବା ମହାବିଦ୍ୟାଳୟର ଅଧକ୍ଷ ସୂଚନା ଦେଇଥିଲେ। ଅଧାପିକ ମନ୍ଦାକିନୀ ରାଉତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ଅଧାପକ ଗିରିଧାରୀ ପଣ୍ଡା ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧରେ ଉତ୍ତରପ୍ରତାପ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭୀମସେନ ତରାଇ, ସମିତି ସଭ୍ୟ ଜଳଧର ସାହୁ, ଜିଲାପରିଷଦ ସଭ୍ୟା ମମତା ଦଣ୍ଡପାଟ, ବିକାଶ ବେହେରା, ଅନନ୍ତ ଚରଣ ସାହୁ, ଅଧାପକ ବିଜୟ କୁମାର ନାୟକ, ଗୌରୀଶଙ୍କର ମିଶ୍ର , ଅଧାପିକା ସୁଜାତ ଦାସ, ପ୍ରମିଳା ଦାଶ, ସୁରେଶ ଚନ୍ଦ୍ର ଲେଙ୍କା, କୈଳାସ ଚନ୍ଦ୍ର ତରାଇ, ଅକ୍ଷୟ କୁମାର ତରାଇ ସମେତ କଲେଜର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ । ଶେଷରେ ପ୍ରଶାନ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ୪୮ତମ ଜାତୀୟ ନିରାପତ୍ତା ସପ୍ତାହ ପାଳିତ

**କଳିଙ୍ଗନଗର, ୪।୩(ଡି.ଏନ୍.ଏ.):** କଳିଙ୍ଗନଗର ଜିନ୍ଦଲ ଷ୍ଟେନଲେସ ଲିମିଟେଡ କାରଖାନା ପରିସରରେ ସୋମବାର ୪୮ତମ ଜାତୀୟ ନିରାପତ୍ତା ସପ୍ତାହ ପାଳିତ ହୋଇଯାଇଛି । ରାଜ୍ୟ ସରକାରଙ୍କ କାରଖାନା ଓ ବାଷ୍ପୀୟ ବିଭାଗର ସହ ନିର୍ଦ୍ଦେଶକ ଚନ୍ଦ୍ର ଶେଖର ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ସୁରକ୍ଷା ପତାକା ଉତୋଳନ କରି କର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାରଖାନା ମୁଖ୍ୟ ମୋହନ ଲାଲ ଓ କାରଖାନା ଉପମୁଖ୍ୟ ଆର.ଏସ୍. ବୈଦ୍ୟ ପତାକା ହଲାଇ ଏକ ସୁରକ୍ଷା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ସପ୍ତାହ ବ୍ୟାପି କାରଖାନାରେ କର୍ମଚାରୀଙ୍କୁ ସଚେତନ କରିବା ପାଇଁ ସୁରକ୍ଷା ବାଦ୍ୟ ପ୍ରଚାର କରିବ। ସପ୍ତାହବ୍ୟାପି କାର୍ଯ୍ୟକ୍ରମରେ ସୁରକ୍ଷା ପୋଷ୍ଟର, ଶ୍ଲୋଗାନ, ରଚନା, ପ୍ରଶ୍ନୋତ୍ତର ଆଦି ବିଭିନ୍ନ ବିଭାଗ ଓ ବିଭିନ୍ନ ବର୍ଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହିତ ପରିଷ୍କାର ପରିଚ୍ଛନ୍ନ ସହ ସୁରକ୍ଷା ସଚେତନ ବିଭାଗଗୁଡିକୁ ମଧ ପୁରସ୍କୃତ କରାଯିବ। କାରଖାନାର ଉପମୁଖ୍ୟ ଆର.ଏସ୍. ବୈଦ୍ୟ, ଅଗ୍ନି ନିରାପଦା ଓ ସୁରକ୍ଷା ବିଭାଗର ଜେନେରାଲ ମ୍ୟାନେଜର ମୋତିଲାଲ ପଣ୍ଡା କର୍ମଚାରୀଙ୍କୁ ସୁରକ୍ଷା ଶପଥ ପାଠ କରାଇଥିଲେ।

### ବିଭିନ୍ନ ଶୈବ ପୀଠରେ ଜାଗର ଯାତ୍ରା ସମ୍ପନ୍ନ

**ରସୁଲପୁର, ୪।୩ (ଡିଏନଏ):** ଜାଗରଯାତ୍ରା ରସୁଲପୁର ବ୍ଲକ ଅଞ୍ଚଳର ବିଭିନ୍ନ ଶୈବ ପୀଠରେ ସୋମବାର ପାରମ୍ପରିକ ରୀତିନୀତିରେ ପାଳିତ ହେଉଛି। ଏହି ଅବସରରେ ପ୍ରତ୍ୟୁଷରୁ ଶିବାଳୟଗୁଡିକ ଚଳଚଞ୍ଚଳ ହୋଇଉଠିଥିଲା। ମହାଦେବଙ୍କ ନିକଟରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ଶୈବପୀଠଗୁଡିକ ଖୋଲା ଯାଇଥିଲା। ପ୍ରଭୁ ମହାଦେବଙ୍କୁ ଦର୍ଶନ କରିବା ସକାଶେ ବିଭିନ୍ନ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡି ଲାଗିଥିଲା। ଭକ୍ତମାନେ ପବିତ୍ର ଶିବ ଲିଙ୍ଗ ଦର୍ଶନ, ମନ୍ଦିର ପ୍ରଦକ୍ଷିଣ, ନୈବେଦ୍ୟ ଅର୍ପଣ କରିବା ପାଇଁ ଶ୍ରଦ୍ଧାଳୁ ଘଣ୍ଟା ଘଣ୍ଟା ଧରି ଧାଡିରେ ଅପେକ୍ଷା କରିଥିଲେ। ସନ୍ଧ୍ୟାରେ ବ୍ରତଧାରୀ ଶ୍ରଦ୍ଧାଳୁମାନେ ଦୀପଦାନ ପାଇଁ ମନ୍ଦିର ବେଢାରେ ବସି ରହିବା ସହ ମହାଦ୍ୱପ ଉଠିବା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ମହାଦ୍ୱୀପ ଉଠିବା ପରେ ବ୍ରତଧାରୀମାନେ ଉପବାସ ଭାଙ୍ଗିଥିଲେ। ଏହି ବ୍ଲକର ପ୍ରସିଦ୍ଧ ଶୈବପୀଠ ଡିହକୁରାଂଶର ଚନ୍ଦନେଶ୍ୱର ମହାଦେବ, କପିଳେଶ୍ୱର, ବାବାମଣି ମନ୍ଦିର, ଜଗନ୍ନାଥପୁର ଶିବମନ୍ଦିର, ଅଷ୍ଟସମ୍ଭୁ, ଆଖଣ୍ଡଳ ମଣି ଓ ବାବା ବିଶ୍ୱନାଥ, ଅମୃତେଶ୍ୱର, ମଠସାହି ସଦାଶିବ, ସ୍ୱପ୍ନେଶ୍ୱର, ହଟକେଶ୍ୱର, ନିଳାଦ୍ରୀଶ୍ୱର, ଉତ୍ତରେଶ୍ୱର, ବାବା ଆଖଣ୍ଡଳ ମଣି, ଇଶାଣେଶ୍ୱର, ବଟେଶ୍ୱର, କପଟେଶ୍ୱର, ହରପାର୍ବତୀ ମନ୍ଦିର, ଚଣ୍ଡିମନ୍ଦିର, ସ୍ୱପ୍ନେଶ୍ୱର ପ୍ରଭୃତି ସ୍ଥାନରେ ଜାଗରଯାତ୍ରା ଖୁବ୍ ଯାକଜମକ ସହ ପାଳନ ହୋଇଛି ।

## ବ୍ରାହ୍ମଣୀ ପାଣିରେ ଚାଲିଛି ବ୍ୟବସାୟ

# ଜଳକର ଦେବାକୁ କୁଣ୍ଠିତ

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ୬ କମ୍ପାନୀ ପାଖରେ ୫.୬୧ କୋଟି ଜଳକର ବାକି
- ମେସ୍କୋ ଗ୍ରୁପ ପାଖରେ ବାକି ପଡିଛି ସର୍ବାଧିକ ୩.୮୪ କୋଟି
- ନୀରବ ଲୋକପ୍ରତିନିଧି, ସଂଗଠନ

**ଯାଜପୁର ଅଫିସ,୪।୩**

ବ୍ରାହ୍ମଣୀ ନଦୀ ପାଣିରେ ରାଜ୍ୟ ଶିଳ୍ପ ଭିତିଭୂମି ଉନ୍ନୟନ ନିଗମ (ଇଡକୋ) ବ୍ୟବସାୟ ଚଳାଇଛି। ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରି ଜଳକର ପଇଠ କରିବାରେ ଇଡ୍‌କୋ ଖିଲାପି କରିଛି। ଅନ୍ୟପକ୍ଷେ ଇଡକୋରୁ ପାଣି ନେଉଥିବା କଳିଙ୍ଗନଗରର ୬ଟି ଶିଳ୍ପ କମ୍ପାନୀ ନିକଟରେ ମଧ ଗତ ଫେବୃୟାରୀ ସୁଦ୍ଧା ୫କୋଟି ୬୧ଲକ୍ଷ ୪୧ହଜାର ୩ଟଙ୍କା ବାକି ପଡିଛି। ଏହି ବକେୟା ଅର୍ଥ ଅସୁଲ କରିବାକୁ ଇଡକୋ ସବୁପ୍ରକାର ଉଦ୍ୟମ କରୁଥିବାବେଳେ ଜଳ ସମ୍ପଦ ବିଭାଗକୁ ଜଳକର ଦେବାରେ କୁଣ୍ଠା ପ୍ରକାଶ କରୁଛି। ପୂର୍ବରୁ ସରକାର ଇଡକୋକୁ ସୁଧମୂଳ ସହ ୫୬କୋଟି ଟଙ୍କା ଜଳକର ଛାଡ଼ କରିଥିବାବେଳେ ପୁଣି ୧୬କୋଟି ୩ ଲକ୍ଷ ୨୯୦ ଟଙ୍କା ବାକି ରହିଥିବା ଏକ ସୂଚନା ଅଧିକାର ଆଇନରୁ ମିଳିଥିବା ତଥ୍ୟରୁ ଜଣାପଡିଛି। ତେବେ ଇଡକୋର ଡିଭିଜନାଲ ମୁଖ୍ୟ ସମ୍ପୃକ୍ତ ଶିଳ୍ପ କମ୍ପାନୀ ପ୍ରତିନିଧିଙ୍କ ସହିତ ଆଲୋଚନା କରି ମାର୍ଚ୍ଚ ୧୦ ସୁଦ୍ଧା ସମସ୍ତ ବକେୟା ଅର୍ଥ ପଇଠ କରିବାକୁ ନିର୍ଦ୍ଦେଶ ଦେଇଛି। ଏହାବାଦ ଚୁକ୍ତି ଅନୁସାରେ କିଲୋ ଲିଟର(କେଏଲ) ପ୍ରତି ୧୦ ପ୍ରତିଶତ ଜଳକର ଓ ଗାଡ଼ି ଚାଳିବା (ହୁଇଲିଂ) ଖର୍ଚ୍ଚ ବାବଦକୁ ୫ ପ୍ରତିଶତ ଅର୍ଥ ବୃଦ୍ଧି ହୋଇଛି।

କଳିଙ୍ଗନଗରର ୬ଟି ଶିଳ୍ପ କାରଖାନାକୁ ପାଣି ଯୋଗାଇବା ପାଇଁ ଇଡକୋ ଜଳ ସମ୍ପଦ ବିଭାଗ ସହିତ ଚୁକ୍ତି କରିଛି। ଏଥିପାଇଁ ଇଡକୋ ୨୦୦୮ରୁ ୬୦୦ ମି.ମି. ପାଇପ ଲାଇନରେ ଜଳ ମାପକ ଯନ୍ତ୍ରର ବ୍ୟବସ୍ଥା କରିଛି । ଏଥିରେ ଭିସା ଷ୍ଟିଲକୁ ୩.୬୮ କ୍ୟୁସେକ, ମଇଥାନ ଇସ୍ପାତକୁ ୧.୯୬ କ୍ୟୁସେକ, ଦୀନବନ୍ଧୁ ଷ୍ଟିଲ ଆଣ୍ଡ ପାୱାରକୁ ୦.୪୯ କ୍ୟୁସେକ, ରୋହିତ ଫେରୋଟେକକୁ ୦.୩୯ କ୍ୟୁସେକ, ମେସ୍କୋକୁ ୧.୨୬ କ୍ୟୁସେକ ଓ ଇମାମି ସିମେଣ୍ଟ କମ୍ପାନୀକୁ ୦.୧୨ କ୍ୟୁସେକ ପାଣି ଯୋଗାଇ ଦେଉଛି। ତେବେ ଫେବୃୟାରୀ ସୁଦ୍ଧା ମେସ୍କୋ ଷ୍ଟିଲ ପାଖରେ ୧କୋଟି ୨୮ଲକ୍ଷ ୫୭ହଜାର ୫୪୧ ଟଙ୍କା, ମଇଥାନ ଇସ୍ପାତ ନିକଟରେ ୨କୋଟି ୫୬ଲକ୍ଷ ୩୫ହଜାର ୯୨୦ ଟଙ୍କା, ଭିସା ଷ୍ଟିଲ ନିକଟରେ ୧କୋଟି ୩୦ଲକ୍ଷ ୯୧ହଜାର ୪୧ଟଙ୍କା, ଇମାମି ସିମେଣ୍ଟ ନିକଟରେ ୩ଲକ୍ଷ ୪୯ହଜାର ୪୨୬ ଟଙ୍କା, ରୋହିତ ଫେରୋଟେକ ନିକଟରେ ୧୬ଲକ୍ଷ ୭୩ହଜାର ୨୧୪ ଟଙ୍କା ବାକି ପଡିଛି। ମେସ୍କୋ ଗ୍ରୁପ ପରିଚାଳିତ ୨ଟି କମ୍ପାନୀ ନିକଟରେ ସର୍ବାଧିକ ୩ କୋଟି ୮୪ ଲକ୍ଷ ୯୩ ହଜାର ୪୬୧ ଟଙ୍କା ବାକି ପଡିଛି। ଅନ୍ୟପକ୍ଷେ ଟାଟା ଷ୍ଟିଲ ଓ ନୀଳାଚଳ ଇସ୍ପାତ ନିଜସ୍ୱ ପାଇପ ଲାଇନରେ ବ୍ରାହ୍ମଣୀ ପାଣି ଶୋଷୁଛନ୍ତି। ବ୍ରାହ୍ମଣୀରୁ ବିଭିନ୍ନ କଳକାରଖାନା ବର୍ଷ ତମାମ ପାଣି ନେଉଥିବାରୁ ଜଳଧାରଣ କ୍ଷମତାଠାରୁ କମ୍ ଜଳ ପ୍ରବାହିତ ହେବା ଓ ସଂରକ୍ଷିତ ରହିବା ପରିସ୍ଥିତିରେ ଆଗାମୀ ଦିନରେ ଜଳ ସଙ୍କଟ ସୃଷ୍ଟି ହେବା ଆଶଙ୍କା ଦେଖାଦେଇଛି। ବ୍ରାହ୍ମଣୀ ବଞ୍ଚାଓ ପାଇଁ ଅତୀତରେ ବହୁ ସଂଗଠନ ଆନ୍ଦୋଳନ କରିଥିବାବେଳେ ସ୍ଥାନୀୟ ଲୋକ ପ୍ରତିନିଧି କମ୍ପାନୀ ସପକ୍ଷରେ ରହି ଏହାର ବିରୋଧ କରିବାକୁ ସାହାସ କରିନାହାନ୍ତି। ବ୍ରାହ୍ମଣୀ ନଦୀରୁ ଚାଷୀଙ୍କୁ ବୁନ୍ଦାଏ ପାଣି ଜଳସେଚନ ପାଇଁ ଦେଇ ପାରିନାହାନ୍ତି । ଶିଳ୍ପଦ୍ୱାରା ଓଡ଼ିଶାର ଲୋକେ ଲାଭବାନ ହୋଇନାହାନ୍ତି, କାହାକୁ ନିଯୁକ୍ତି ମିଳିନାହିଁ, ଖାଲି ଶିଳ୍ପପତିଙ୍କୁ ପୋଷିବା କାର୍ଯ୍ୟ ହେଉଛି ବୋଲି ମତପ୍ରକାଶ ପାଇଛି। କେବଳ ସେତିକି ନୁହେଁ ଇଡ୍‌କୋ ପାଣି ନେଇ ସରକାରଙ୍କୁ ଜଳକର ପଇଠ କରିବାରେ ପଛଘୁଞ୍ଚା ଦେଉଛି। ଯେତେବେଳେ ଜଳକର ବୃଦ୍ଧି ପାଇବ ତାକୁ ଛାଡ଼ କରିବାକୁ ସରକାରଙ୍କୁ ଅନୁରୋଧ କରି ସବୁ ମାଫ ହୋଇଯିବ ବୋଲି ଆଶା ରଖିଛି। ସୂଚନାଯୋଗ୍ୟ ଯେ, ଗତ ୨୦୧୫ ନଭେମ୍ବରରେ ରାଜ୍ୟ ସରକାର ଇଡ୍‌କୋକୁ ଅଯାଚିତ ଦାନ ସ୍ୱରୂପ ୫୬କୋଟି ୪ଲକ୍ଷ ଟଙ୍କା ଜଳକର ଛାଡ କରିଥିଲେ। ଶିଳ୍ପ କମ୍ପାନୀରୁ ଜଳକର ବାବାଦକୁ ମାସିକ ଲକ୍ଷାଧିକ ଟଙ୍କା ଅସୁଲ କରୁଥିଲେ ହେଁ ସରକାରଙ୍କୁ ରାଜସ୍ୱ ନ ଦେବା ପଛରେ ଇଡକୋର ଆଭିମୁଖ୍ୟ ବୁଝା ପଡୁନାହିଁ। ଏହାବାଦ ଜଳ ମାପକ ଯନ୍ତ୍ର ଅଚଳ ହେବା କିମ୍ବା ତ୍ରୁଟିପୂର୍ଣ୍ଣ ଦର୍ଶାଇ ଇଡକୋ ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ଅଧିକ ଜଳ ଉତ୍ତୋଳନ କରିଥିବା ଅଭିଯୋଗରେ ଗତ ଡିସେମ୍ବରରେ ଜୋରିମାନା ବାବଦକୁ ୫,୨୪,୨୨୬ ଟଙ୍କା ଦେବାକୁ ଜଳସମ୍ପଦ ବିଭାଗ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଚୁକ୍ତି ଅନୁସାରେ ଏପ୍ରିଲରୁ କେଏଲ ପିଛା ଜଳକର ୫ ଟଙ୍କା ୪୫ ପଇସାରୁ ୬ ଟଙ୍କା ଓ ହୁଇଲିଂ ଖର୍ଚ୍ଚ କେଏଲ ପିଛା ୧୦.୮୮ ଟଙ୍କାରୁ ୧୧.୪୨ ଟଙ୍କା ବୃଦ୍ଧି ହେବ ବୋଲି ଇଡକୋ ସୂଚନା ଦେଇଛି । ଏ ସଂକ୍ରାନ୍ତରେ ଇଡକୋର ଡିଭିଜନାଲ ମୁଖ୍ୟ ସ୍ମରଣଶଙ୍କର ମିଶ୍ର ଖିଲାପି ୬ଟି କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଗତ ୨ ତାରିଖରେ ଦିଆଯାଇଥିବା ତାଙ୍କ ପତ୍ରରେ ଦର୍ଶାଇଛନ୍ତି ଯେ, ବକେୟା ଅର୍ଥ ପ୍ରଦାନ କରିବା ସହିତ ଜଳ ମାପକ ଯନ୍ତ୍ରର ପରୀକ୍ଷା ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ନାବାଳିକା ଅପହରଣର ୫ ଦିନ ପରେ ବି ପୋଲିସ ହାତ ଖାଲି

**କାଳିଆପାଣି,୪।୩(ଡି.ଏନ୍.ଏ.)**

ସୁକିନ୍ଦା ଥାନା ଅନ୍ତର୍ଗତ ଦୁଧୁଯୋରୀ ଗ୍ରାମପଞ୍ଚାୟତ ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ହେଲେ ଅଭିଯୋଗର ପାଞ୍ଚଦିନ ପରେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ଗତ ୨୭ ଫେବୃୟାରୀ ବୁଧବାର ନାବାଳିକା ଜଣଙ୍କ ଢେଙ୍କାନାଳ ଜିଲାରେ ଥିବା ଏକ କଲେଜକୁ ଯାଇଥିଲେ। ହେଲେ କଲେଜକୁ ଯାଇ ଘରକୁ ଫେରିବା ବିଳମ୍ବହେବାରୁ ପରିବାର ଲୋକେ ଅନେକ ଖୋଜାଖୋଜି କରି ଝିଅକୁ ପାଇ ନ ଥିଲେ। ଏ ନେଇ ସୁକିନ୍ଦା ଥାନରେ ଏକ ଲିଖିତ ଅଭିଯୋଗ କରିଥିଲେ। ଝିଅ ନିଖୋଜ ହେବା ଓ ଏତେଲା ଦେବାର ୫ଦିନ ବିତିଯାଇଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଏନେଇ ସୁକିନ୍ଦା ଥାନା ଏଏସ୍‌ଆଇ ସୁବାଷ ଦାସଙ୍କୁ ପଚାରିବାରୁ ଉକ୍ତ ଘଟଣାକୁ ନେଇ ଏକ ମାମଲା (୪୪/୧୯) ରୁଜୁ କରାଯାଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ନାବାଳିକାଙ୍କୁ ଉଦ୍ଧାର କରାଯିବ ବୋଲି କହିଛନ୍ତି।

## ଶଙ୍ଖାରିଡ଼ିହଠାରେ ଗଳିପୋଲ ନିର୍ମାଣ ପ୍ରସଙ୍ଗ

# ରାଜପଥ ଅବରୋଧ କରିବ କ୍ରିୟାନୁଷ୍ଠାନ କମିଟି



ବୈଠକରେ ଉପସ୍ଥିତ କମିଟିର ସଦସ୍ୟମାନେ।

**ଧର୍ମଶାଳା,୪।୩(ଡି.ଏନ୍.ଏ.)**

ଜାତୀୟ ରାଜପଥ ୧୬ର ଶଙ୍ଖାରିଡ଼ିହ ବଜାରଠାରେ ଏକ ଗଳିପୋଲ ନିର୍ମାଣ ଦାବିରେ ରବିବାର ଗଳିପୋଲ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ମୃତ୍ୟୁଞ୍ଜୟ ସାହୁଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ୧୬ନମ୍ବର ଜାତୀୟ ରାଜପଥ ୬ ଥାକିଆ ବିଶିଷ୍ଟ କରାଯାଉଛି। ଶଙ୍ଖାରିଡିହ ବଜାରଠାରେ ଜାତୀୟ ରାଜପଥରେ ଗଳିପୋଲ ନ ଥିବାରୁ ୮ଟି ପଞ୍ଚାୟତର ଜନ ସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହ ଦୁର୍ଘଟଣାରେ ଧନ ଜୀବନ ନଷ୍ଟ ହେଉଛି। ତେଣୁ ଉକ୍ତ ସ୍ଥାନରେ ଗଳିପୋଲ ଦାବିନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କମିଟି ପକ୍ଷରୁ ଗତ ମାସରେ ଭୁବନେଶ୍ୱର ଓ ବାଲେଶ୍ୱରସ୍ଥିତ ଜାତୀୟ ରାଜପଥ କାର୍ଯ୍ୟାଳୟଠାରେ ଲିଖିତ ଦାବି କରାଯାଇଥିଲା। ଜାତୀୟ ରାଜପଥ ଅଧିକାରୀ ମଧ କାର୍ଯ୍ୟାନୁଷ୍ଠାନ ନେଇ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। ଏଥିସହ ଗଳିପୋଲ ଦାବ ନିର୍ମାଣ ନେଇ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧିକାରୀଙ୍କୁ ଅବଗତ କରାଯିବା ପାଇଁ ବୈଠକରେ ସ୍ଥିର କରାଯାଇଛି। ଆସନ୍ତା ୧୦ଦିନ ମଧ୍ୟରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଘଟଣାସ୍ଥଳ ପରିଦର୍ଶନ ନ କଲେ କମିଟି ପକ୍ଷରୁ ଜାତୀୟ ରାଜପଥ ଅବରୋଧ କରାଯିବାକୁ ସ୍ଥିର କରାଯାଇଥିବା କମିଟି ସଭାପତି ସାହୁ ସୂଚନା ଦେଇଛନ୍ତି। ବୈଠକରେ ଅନ୍ୟମାନଙ୍କ ମଧରେ କାହ୍ନୁ ଚରଣ ଦାଶ, ସୁଦାମ ଚରଣ ବେହେରା, ନାରାୟଣ ସାହୁ, ପ୍ରଦୀପ୍ତ ମହାପାତ୍ର, ଭଗବାନ ସାମଲ, ନିଗମାନନ୍ଦ ବରାଳ, ଯଦୁନାଥ ବେହେରା, ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇଥିଲେ।

## ପଡିରହିଛି ଶହଶହ ପ୍ଲାଷ୍ଟିକ ଗ୍ଲାସ

### ଡେଙ୍ଗୁ ଆଶଙ୍କାରେ ଅଞ୍ଚଳବାସୀ

**ରତ୍ନଗିରି,୪।୩(ଡି.ଏନ୍.ଏ.)**

ଡେଙ୍ଗୁ ରୋଗ ନିରାକରଣ ନେଇ ସରକାରୀସ୍ତରରେ ଅନେକ ସଚେତନତା କରାଯାଉଛି। ଏଥିସହ ସ୍ୱଚ୍ଛତା ଦିଗରେ ମଧ ବିଶେଷ ଧ୍ୟାନ ଦିଆଯାଉଛି। କିନ୍ତୁ ବରୀ-କୁଆଖିଆ ମୁଖ୍ୟ ରାସ୍ତା କଡ ସନ୍ଥନ ମଠ ବାଲିଆପାଳଠାରେ ଥିବା ଏକ ସରକାରୀ ମଦ ଦୋକାନ ସମ୍ମୁଖରେ ଶହ ଶହ ପ୍ଲାଷ୍ଟିକ ବୋତଲ ଓ ଗ୍ଲାସ ପଡିରହୁଛି। ଦୀର୍ଘଦନି ଧରି ଏସବୁ ସାମଗ୍ରୀ ପଡି ରହୁଥିଲେ ମଧ ଏ ଦିଗରେ କେହି ଦୃଷ୍ଟି ଦେଉ ନାହାନ୍ତି। ଫଳରେ ବର୍ଷାରେ ଉକ୍ତ ସ୍ଥାନରେ ପାଣି ଜମିବା ଦ୍ୱାରା ଡେଙ୍ଗୁଭଳି ମାରାତ୍ମକ ମଶାଙ୍କ ପାଦୁର୍ଭାବ ବଢୁଛି। ଗତ ବର୍ଷା ଋତୁରେ ଉକ୍ତ ଦୋକାନ ନିକଟ ବାଇଁଶ୍ରିଆ ଗ୍ରାମରେ ଡେଙ୍ଗୁ ଆକ୍ରାନ୍ତରେ ଜଣେ ଲୋକ ମୃତ୍ୟୁବରଣ ହୋଇଥିବା ବେଳେ ୨୦ରୁ ଉର୍ଦ୍ଧ୍ୱ ଆକ୍ରନ୍ତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଚନ୍ଦନପୁର ଗ୍ରାମବାସୀ ଗ୍ରାମରେ ଜମି ରହିଥିବା ଅନାବଶ୍ୟକ ପାଣି ଓ ଭୋଜି ଭାତରେ ବ୍ୟବହୃତ ପ୍ଲାଷ୍ଟିକ୍ ଗ୍ଲାସଗୁଡିକୁ ନଷ୍ଟ କରିଥିଲେ। ହେଲେ ଉକ୍ତ ମଦ ଦୋକାନ ନିକଟରେ ପଡି ରହୁଥିବା ପ୍ଲାଷ୍ଟିକ ଆବର୍ଜନାଗୁଡିକ ଆଜି ପର୍ଯ୍ୟନ୍ତ ସଫା ହୋଇପାରି ନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଇଛି।

### ବିଜୁ ସେତୁର ଶିଳାନ୍ୟାସ ଉତ୍ସବ




ଶିଳାନ୍ୟାସ ଉତ୍ସବରେ ମଞ୍ଚାସୀନ ଅତିଥି।

**ଦଶରଥପୁର,୪।୩(ଡି.ଏନ୍.ଏ.)**

ଦଶରଥପୁର ବ୍ଲକ ଅନ୍ତର୍ଗତ ଜୟନ୍ତରା ପଞ୍ଚାୟତ ଜୟନ୍ତରାଠାରେ ବୈତରଣୀ ନଦୀ ଉପରେ ରବିବାର ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବିଜୁ ସେତୁର ଶିଳାନ୍ୟାସ କରିଛନ୍ତି। ରାଜ୍ୟ ସରକାରଙ୍କ ଜନହିତକର ଯୋଜନାଗୁଡ଼ିକୁ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ କର୍ମୀମାନେ ଚେଷ୍ଟା କରନ୍ତୁ ବୋଲି ବିଧାୟକ ଦାସ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ଦଶରଥପୁର ଜଳସମ୍ପଦ ବିଭାଗ ଡାକବଙ୍ଗଳା ପରିସରରେ ଶିକ୍ଷକଙ୍କ ନିମନ୍ତେ ବହୁବିଧ କମ୍ୟୁନିଟି ସେଣ୍ଟରର ଶିଳାନ୍ୟାସ କରିଥିଲେ। ଏନେଇ ଜୟନ୍ତରାରେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସେତୁ ନିର୍ମାଣ ହେଲେ ଦଶରଥପୁର ଓ ଧାମନଗର ବ୍ଲକ ମଧରେ ଗମନାଗମନର ସୁବିଧା ହୋଇପାରିବ ବୋଲି ବିଧାୟକ ଦାସ କହିଥିଲେ। ଅନ୍ୟମାନଙ୍କ ମଧରେ ବ୍ଲକ ଅଧକ୍ଷା ସୁଜାତା ସାହୁ, ସରପଞ୍ଚ ସୁରେଶ ଦାସ, ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଆର୍‌ଡିର ଏସ୍‌ଡିଓ ଜ୍ୟୋତି ପ୍ରକାଶ ସାମଲ, କନିଷ୍ଠ ଯନ୍ତ୍ରୀ ବିନୋଦ କୁମାର ସିଅଳ, ବ୍ଲକ୍ ବିଜେଡି ସଭାପତି ସୁବାସ ଚନ୍ଦ୍ର ମହାନ୍ତି, ଧରଣୀ ଧର ମହାପାତ୍ର, ବ୍ରହ୍ମାନନ୍ଦ ମହାପାତ୍ର, ବରଦାକାନ୍ତ ମହାପାତ୍ର ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୧ କୋଟି ୯ ଲକ୍ଷ ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ କରାଯିବ। ସେହିପରି ଡାକବଙ୍ଗଳାଠାରେ ହୋଇଥିବା ଶିଳାନ୍ୟାସ ଉତ୍ସବରେ ବ୍ଲକ ଶିକ୍ଷାଧିକାରୀ ଗୟାଧର ନନ୍ଦ, ଏବିଇଓ ରବିନାରାୟଣ ତ୍ରିପାଠୀ, ଅମୀୟ ଦାସ, ତୁଷାରକାନ୍ତି ମହାପାତ୍ର, ପ୍ରମୋଦ କୁମାର ପାଣିଗ୍ରାହୀ, ବିଜୟ ନାୟକ, ରବୀନ୍ଦ୍ର କୁମାର ରାୟ ପ୍ରମୁଖ ଯୋଗ ଦେଇଥିଲେ। ୧୭ଟି କ୍ଲଷ୍ଟରର ସିଆର୍‌ସିସି ଓ କେତେକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ।

# ଜାଗର ଜାଳିଲେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଚଣ୍ଡିଖୋଲ,୪।୩(ଡି.ଏନ.ଏ.)**

ପଞ୍ଚଦେବତା ପୂଜା ପାଉଥିବା ମହାବିନାୟକ ପୀଠରେ ସୋମବାର ମହାଶିବରାତ୍ରି ଉପଲକ୍ଷେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ପ୍ରଥମେ ମହାପ୍ରଭୁଙ୍କର ମଙ୍ଗଳ ଆଳତି ପରେ ପହଡ଼ ଖୋଲିଥିଲା। ପରେ ମହାସ୍ନାନ କରାଯାଇ ରୁଦ୍ରାଭିଷେକ ଓ ବଡ଼ସିଂହାର ବେଶ ଅନୁଷ୍ଠିତ ହୋଇଥିଲା। ନୀତିଭୋଗ ପରେ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ଶ୍ରଦ୍ଧାଳୁମାନେ ଧାଡ଼ିକରି ମହାପ୍ରଭୁଙ୍କ ଦର୍ଶନ କରିବା ସହ ଉଜାଗର ରହି ଜାଗର ଜାଳିଥିଲେ। ମନ୍ଦିର କମିଟି ଓ ପୋଲିସ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଦେବଦେବ ମହାଦେବଙ୍କ ଦର୍ଶନ ସହିତ ଏଠାରେ ଗଣେଶ, ନାରାୟଣ, ଦୁର୍ଗା ଓ ସୂର୍ଯ୍ୟଦେବତାଙ୍କୁ ଏକକାଳୀନ ପୂଜା କରାଯାଉଥିବାରୁ ଏହା ପଞ୍ଚଦେବଙ୍କ ପୀଠ ଭାବେ ପରିଚିତ। ଏହି ପୀଠରେ ଶ୍ରଦ୍ଧାଳୁ ମହାଦେବଙ୍କୁ ଅଗ୍ରାଧିକାର ଭିତ୍ତିରେ ପୂଜା କରିଥାନ୍ତି। ମଧରାତ୍ରିରେ ମହାଦୀପ ଉଠିବ। ସେଥିପାଇଁ ଭକ୍ତମାନେ ଦୀପ ଜାଳି ମହାଦୀପ ଦର୍ଶନକୁ ଅପେକ୍ଷା କରିଛନ୍ତି। ମହାଶିବରାତ୍ରି ଉପଲକ୍ଷେ ବଡ଼ଚଣା-ଦର୍ପଣ ପୂର୍ତ୍ତବିଭାଗ ରାସ୍ତାରୁ ମହାବିନାୟକ ମନ୍ଦିର ପର୍ଯ୍ୟନ୍ତ ପ୍ରବଳ ଭିଡ଼ ଲାଗି ରହିଥିଲା। ସନ୍ଧ୍ୟାରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୧୦୮ ଦୀପ ଦାନ କରାଯିବା ସହ ୧୦୮ ବଳିତାର ଆଳତି ମଧ ହୋଇଥିଲା। ଏହି ଅବସରରେ ମନ୍ଦିର ପାର୍ଶ୍ୱରେ ଥିବା ଅଷ୍ଟଶମ୍ଭୁ ନିକଟରେ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ତୃତୀୟ ଦିନରେ ପହଞ୍ଚିଛି। ଜିଲା ପ୍ରଶାସନ ତରଫରୁ ଏଠାରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିଲା ବେଳେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତରଫରୁ ପଲ୍ଲିଶ୍ରୀ ମେଳାର ଆୟୋଜନ କରାଯାଇଛି। ହଜାର ହଜାର ସଂଖ୍ୟାରେ ଅସ୍ଥାୟୀ ଦୋକାନୀ ସେମାନଙ୍କ ପସରା ମେଲାଇଛନ୍ତି। ପ୍ରୟାସ ଓ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ତରଫରୁ ଭକ୍ତଙ୍କ ନିମନ୍ତେ ଦହି ସରବତ ଏବଂ ପାଣିର ବ୍ୟବସ୍ଥା କରାଯାଇଥିଲା।



ମହାବିନାୟକ ପୀଠରେ ଜାଗରଯାତ୍ରା।

**ଧର୍ମଶାଳା,(ଡି.ଏନ୍.ଏ.):** ପବିତ୍ର ଜାଗର ଯାତ୍ରା ଅବସରରେ ଧର୍ମଶାଳା ବ୍ଲକର ବିଭିନ୍ନ ଶୈବ ପୀଠରେ ଭକ୍ତଙ୍କ ସମାଗମ ହୋଇଛି। ଗୋକର୍ଣ୍ଣେଶ୍ୱର ପୀଠ, କୋତପୁର ସ୍ଥିତ ବୁଦ୍ଧଲିଙ୍ଗ, ଅଚ୍ୟୁତପୁର ଜ୍ଞାନେଶ୍ୱର ପୀଠ, ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର, ଚନ୍ଦନେଶ୍ୱର ମନ୍ଦିର, ପଣ୍ଡୁଆ ମହାଦେବ ପୀଠ, ପଲାର ମହାଦେବ ପୀଠ, ଗଡ଼ମଧୁପୁରର ନୀଳକଣ୍ଠେଶ୍ୱର ମହାଦେବ, ଉତର ଶାସନ ମହାଦେବ ପୀଠ, ଚୋରମୁହାଁ ନଣ୍ଡାମହାଦେବ, କଣ୍ଟିଗଡ଼ିଆ, ହରିଦାସପୁର, ବାଟିଯୋଡା, ମର୍ଜିତାପୁର, ପାଟପୁରସ୍ଥିତ ମାନେଶ୍ୱର ମନ୍ଦିର, କବାଟବନ୍ଧ ସ୍ଥିତ ଆଖଣ୍ଡଳମଣି, ବାଲୁଙ୍କେଶ୍ୱର, ସାଥୁଆପାଟଣାର ସ୍ୱପ୍ନେଶ୍ୱର, ରାମେଶ୍ୱର, ସୋରେଶ୍ୱର, ବାରକଣା ସ୍ଥିତ ବିଶ୍ୱନାଥ ମହାଦେବ ଓ ରାମପୁରକଇଥା ସ୍ଥିତ ଆଖଣ୍ଡଳମଣି ମନ୍ଦିର,ମୁନିବାବା ଅଶ୍ରମ ପ୍ରଭୃତି ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ରାହ୍ମଣୀ ନଦୀ ଓ ବୌଦ୍ଧକୀର୍ତ୍ତିରାଜି ଦେଉଳି ପାହାଡ ସଂଲଗ୍ନ ଗୋକର୍ଣ୍ଣେଶ୍ୱର ପୀଠ ଓ ବଜ୍ରଗିରିସ୍ଥିତ ଶିବ ମନ୍ଦିରରେ ମହାଦେବଙ୍କ ଦର୍ଶନ ଲାଗି ଭକ୍ତଙ୍କ ଭିଡ ଲାଗିରହିଛି।

**କାଳିଆପାଣି,(ଡି.ଏନ୍.ଏ.):** ସୁକିନ୍ଦା କ୍ରୋମାଇଟ ଖଣି ଅଞ୍ଚଳରେ ଥିବା ଶୈବ ପୀଠଗୁଡ଼ିକ ସୋମବାର ସକାଳୁ ଚଳଚଞ୍ଚଳ ହୋଇଉଠିଛି। ଖଣି ଅଞ୍ଚଳରେ ଥିବା କଲରଙ୍ଗୀ, ଟାଟାକଲୋନୀ, ରାଁସୋଳ, କାଳିଆପାଣି ଟାଉନଶିପ୍, ଗରାମିଆଁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ପକ୍ଷରୁ ଜାଗର ଯାତ୍ରାରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂଜାବିଦ୍ଧି ଅନୁଯାୟୀ ମହାପ୍ରଭୁଙ୍କର ନୀତିକାନ୍ତି ଶେଷ ହେବାସହ ନିର୍ଦ୍ଧାରିତ ସମୟସୀମାରେ ମହାଦୀପ ଉଠିବାର ବ୍ୟବସ୍ଥା କରାଯାଇଥିବା ସେବାୟତମାନେ କହିଛନ୍ତି।

**ରତ୍ନଗିରି,(ଡି.ଏନ.ଏ.):** ମହାଶିବରାତ୍ରି ଉପଲକ୍ଷେ ବରୀ ଅଞ୍ଚଳରେ ଥିବା ଶୈବ ପୀଠ ଉତ୍ସବମୁଖର ହୋଇଉଠିଛି। କୃଷ୍ଣନଗରର ଅଷ୍ଟସମ୍ଭୁ ମନ୍ଦିର ସହ ଅଙ୍ଗାଳୋର ସାମେଶ୍ୱର, ରାମଚନ୍ଦ୍ରପୁରର ପାତାଳେଶ୍ୱର, ଅରୁଆଳର ଅରୁଳେଶ୍ୱର, ସାହାସପୁରର ଈଷାଣେଶ୍ୱର, ରତଳାଙ୍ଗର ରତ୍ନେଶ୍ୱର, ଅରଙ୍ଗାବାଦର ଅରୁଣେଶ୍ୱର ଏବଂ ଅମଠପୁର, ସ୍ୱାଇଁଖଣ୍ଡ, ବାଳିବିଲି, ବରୀ ମାଉଣ୍ଟ, ଧାରପୁରସ୍ଥିତ ଶିବ ମନ୍ଦିରଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମିଥିଲା। ଇନ୍ଦୁପୁର ବିରୂପା ପୋଲ ପାଇଁ ହଜାର ହଜାର ଭକ୍ତ କେନ୍ଦ୍ରାପଡା ଜିଲାରୁ କୃଷ୍ଣନଗର ଅଷ୍ଟସମ୍ଭୁ ପୀଠକୁ ଧାଡି ଲାଗିଥିବା ଦେଖିବାକୁ ମିଳିଥିଲା। ବରୀ ରାମଚନ୍ଦ୍ରପୁର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା।

**କଳିଙ୍ଗନଗର,(ଡି.ଏନ୍.ଏ.):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଥିବା ବିଭିନ୍ନ ଶୈବ ପୀଠରେ ସୋମବାର ମହାଶିବରାତ୍ରି ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି। ବାଲୁଙ୍ଗାଗଦିଠାରେ ଥିବା ବଗେଇ ମହାଦେବଙ୍କ ପୀଠରେ ବହୁ ଭକ୍ତଙ୍କ ଭିଡ଼ ଜମିଛି। ଚକୁଆ ଗ୍ରାମରେ ଥିବା ପୁରାତନ ମନ୍ଦିର ଯାହା ସୁକିନ୍ଦା ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଅଷ୍ଟଶମ୍ଭୁ ଶୈବ ପୀଠରେ ଭକ୍ତମାନେ ପୂଜାଅର୍ଚ୍ଚନା କରିଥିଲେ। ଏହି ମନ୍ଦିରର ପୁରାତନ ପୂଜକ ଚକ୍ରବର୍ତ୍ତୀ ପରିବାର ବଂଶାନୁକ୍ରମେ ଏଠାରେ ପୂଜା କରିଆସୁଛନ୍ତି ।

**ଡୁବୁରୀ,(ଡି.ଏନ୍.ଏ.):** ଡୁବୁରୀସ୍ଥିତ କପିଳେଶ୍ୱର ମହାଦେବଙ୍କ ମହା ଜାଗର ମେଳା ସୋମବାର ପାଳିତ ହୋଇଯାଇଛି। ଏ ନେଇ ବିଭିନ୍ନ ଶୈବ ମନ୍ଦିରରେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଛି। ପ୍ରଭୁ ଶ୍ରୀ କପିଳେଶ୍ୱରଙ୍କୁ ଦର୍ଶନ କରିବା ସହ ମହାପ୍ରଭୁଙ୍କ ସାନିଧ ଲାଭ କରିବା ପାଇଁ ଶହ ଶହ ଶ୍ରଦ୍ଧାଳୁ ସଂରାଶ ପୋଖରୀରେ ବୁଡମାରୀ ମହାଦେବଙ୍କ ପୂଜାର୍ଚ୍ଚନା କରିଛନ୍ତି । ପ୍ରତିବର୍ଷ ପରି ଚଳିତ ବର୍ଷ ଜାଗର ମେଳା କମିଟି ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ବ୍ୟବସ୍ତା କରାଯାଇଛି। ଅନ୍ୟ ଶୈବ ପୀଠ ଅପେକ୍ଷା କପିଳେଶ୍ୱରଙ୍କ ପୀଠରେ ନିଆରା ପୂଜାର୍ଚ୍ଚନା କରାଯାଇଥାଏ । ୭ ଦିନ ଧରି ଆୟୋଜିତ ଜାଗର ମେଳାରେ ହାଇଛି । ଯାତ୍ରାର ପ୍ରତ୍ୟେକ ସନ୍ଧ୍ୟାରେ ସାସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବାନେଇ କମିଟିର ସଂଯୋଜକ ଜୟନ୍ତ ରାଉତ ପ୍ରକାଶ କରିଛନ୍ତି । ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ କଳିଙ୍ଗନଗର ଥାନା ପୋଲିସ ପକ୍ଷରୁ ୨ ପ୍ଲାଟୁନ ଫୋର୍ସ ମୃତୟନ କରାଯାଇଛି। ସାମାଜିକ କର୍ମୀ ପ୍ରଶାନ୍ତ ରାଉତ, ଚିତ୍ତରଞ୍ଜନ ପାତ୍ର, ସୁଜିତ ରାଉତ, ରଞ୍ଜନ ନାୟକ, ମଳୟ ସାହୁ, ବିଜୟ ମହାରଣାଙ୍କ ସମେତ ବହୁ ଯୁବପୀଢି ମେଳା ପରିଚାଳନାରେ ସହାୟତା କରିଥିଲେ।

# ଉଜାଗର ରହି ଦୀପ ଜାଳିଲେ ଶ୍ରଦ୍ଧାଳୁ

**ଜଗତ୍‌ସିଂହପୁର ଅଫିସ, ୪।୩**

ମହାଶିବରାତ୍ରି ବା ଜାଗର ପାଇଁ ସୋମବାର ବିଭିନ୍ନ ଶିବ ମନ୍ଦିରରେ ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ମହାଦୀପ ଦେଖିବାକୁ ମନ୍ଦିର ପରିସରରେ ଅପେକ୍ଷା କରିଥିଲେ। ଜଗତ୍‌ସିଂହପୁର ସହରରେ ଥିବା ସୋମନାଥ ମହାଦେବଙ୍କ ପୀଠରେ ଶହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ଅନେକ ସ୍ଥାନରେ ପାଲା, ନାମ ସଙ୍କୀର୍ତ୍ତନ, ଭଜନ ଓ କୀର୍ତ୍ତନ ହୋଇଥିଲା।



ଏରସମାର ଗ୍ରାମେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

**କୁଜଙ୍ଗ,(ସ୍ୱ.ପ୍ର.)**

କୁଜଙ୍ଗ ସ୍ଥିତ ହଟକେଶ୍ୱର ବଜାର କମିଟି ପକ୍ଷରୁ ଜାଗର ମେଳା, ନାମ ସଂକିର୍ତ୍ତନ ସହ ବହୁବିଧ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯାଇଛି। କମିଟିର ସଭାପତି ରାଜୀବ ନାୟକଙ୍କ ପୌରୋହିତ୍ୟରେ ସୁଦାମ ବିଶ୍ୱାଳ, ପ୍ରଦୀପ ବେହେରା, ରାମକୃଷ୍ଣ ବିଶ୍ୱାଳ ପ୍ରମୁଖ ଶତାଧିକ ବ୍ୟବସାୟୀ ଏହି ମେଳାକୁ ପ୍ରତିବର୍ଷ ପରି ଚଳିତ ବର୍ଷ ଶୃଙ୍ଖଳିତ ଭାବେ ପରିଚାଳନା କରିଛନ୍ତି। ରଙ୍ଗିଆଗଡରେ ଦେବୋତ୍ତର ବିଭାଗ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ମହାଦେବଙ୍କ ଜାଗର ମହୋତ୍ସବ ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ରୁଦ୍ରାଭିଶେକ, ଅଷ୍ଟପ୍ରହର ନାମଯଜ୍ଞ ଓ ସ୍ୱତନ୍ତ୍ର ପୂଜାପାଠ କରାଯାଇଥିଲା। ବାଲିତୁଠରେ ସ୍ୱପ୍ନେଶ୍ୱର, ବିଜିପୁରି ବିଶ୍ୱେସ୍ୱର, ପାରାଦୀପ ଗଡର ପ୍ରଭୁ ଲୋକନାଥ, ବଣିତୋର ପଶ୍ଚିମେଶ୍ୱର, ଅଗପାଳ ପଞ୍ଚାୟତ ବାଘୁଠେଙ୍ଗର ବାବା ବିଶ୍ୱନାଥ, ଓକଲା ଗଭଡିସ୍ଥିତ ଗୋଷ୍ଟେଶ୍ୱର, ପଙ୍କପାଳ ଚାନ୍ଦପୁର ସ୍ଥିତ ହରପାର୍ବତୀ, କୁଜଙ୍ଗ ଜଗନ୍ନାଥପୁର ସ୍ଥିତ ଶ୍ରୀ ଶୀ ଜଗଦିଶ୍ୱର ମହାଦେବ, ପଙ୍କପାଳ ଚନ୍ଦ୍ରଶେଖର ଓ ନୀଳକଣ୍ଠ ମହାଦେବଙ୍କ ପୀଠରେ ଜାଗର ଉତ୍ସବ ଅନୁଷ୍ଠିତ ହୋଇଛି।

**ବିରିଡି,(ଡି.ଏନ.ଏ)**

ବିରିଡ଼ି ବ୍ଲକ ଅଞ୍ଚଳର ବିଭିନ୍ନ ଶୈବ ପୀଠ ସୋମବାର ସକାଳୁ ଉତ୍ସବ ମୁଖର ହୋଇପଡିଥିଲା। ଶ୍ରଦ୍ଧାଳୁମାନେ ରାତ୍ରରେ ମହାଦୀପ ଉଠିବା ପରେ ଉପବାସ ଭଙ୍ଗ କରି ପ୍ରସାଦ ସେବନ କରିଥିଲେ। ଚାନ୍ଦପୁରସ୍ଥିତ ଅଷ୍ଟଶମ୍ଭୁ ମହାଦେବ, ବାରଡିଆ ସ୍ଥିତ ସିଦ୍ଧେଶ୍ୱର ମହାଦେବ, ଅଢଙ୍ଗମଜୁରାଇ-ଅଢଙ୍ଗଗଡ ସ୍ଥିତ ନୀଳକଣ୍ଠେଶ୍ୱର ମହାଦେବ, ଅଢଙ୍ଗଶାସନ ସ୍ଥିତ ପଶ୍ଚିମେଶ୍ୱର ମହାଦେବ, ଗୋପୀନାଥପୁର ବଟେଶ୍ୱର ମହାଦେବ, ବାଲିଆ ଲୋକନାଥ ମହାଦେବ, ନୂଆଡଣା କପିଳେଶ୍ୱର ମହାଦେବ, ଚାଷୀଖଣ୍ଡ ନୀଳକଣ୍ଠେଶ୍ୱର ମହାଦେବ ଓ ବଟେଶ୍ୱର ମହାଦେବ, ବାଗଲପୁର କରଞ୍ଜେଶ୍ୱର ମହାଦେବ, ମଙ୍ଗୁଲି କନକେଶ୍ୱର ମହାଦେବ, ନୂଆଗାଁ ବାଲୁଙ୍କେଶ୍ୱର ମହାଦେବ, କୁଳକଇଜଙ୍ଗା ଗ୍ରାମେଶ୍ୱର ମହାଦେବ ପୀଠରେ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା।

**ତିର୍ତ୍ତୋଲ,(ଡି.ଏନ.ଏ.)**

ତିର୍ତ୍ତୋଲର ପିପ୍ପଳମାଧବ ସ୍ଥିତ ଧର୍ମେଶ୍ୱର, କିଳିପାଳ ସ୍ଥିତ ଦିଗବାରେଣୀ ମନ୍ଦିର ସମେତ ବହୁ ଶିବ ମନ୍ଦିରରେ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଛି । ତିର୍ତ୍ତୋଲ ତେତକୁଣ୍ଡ ସ୍ଥିତ ଧବଳେଶ୍ୱର, ମଣିଜଙ୍ଗା ବାଲାଜଟିଆ, କନକପୁର ସ୍ଥିତ କନକେଶ୍ୱର, ବିବଚ୍ଛପୁର ସ୍ଥିତ ସ୍ୱପ୍ନେଶ୍ୱର ପ୍ରଭୃତି ମନ୍ଦିରରେ ଜାଗରଯାତ୍ରା ହୋଇଥିଲା। ସକାଳୁ ଶ୍ରଦ୍ଧାଳୁମାନେ ଏହି ସବୁ ମନ୍ଦିରରେ ଉପସ୍ଥିତ ରହି ଦୀପଦାନ କରିଥିଲେ।

**ନାଉଗାଁ,(ସ୍ୱ.ପ୍ର)**

ନାଉଗାଁ ବ୍ଲକ ତିହୁଡାର ଦକ୍ଷିଣେଶ୍ୱର, ନାଉଗାଁର ସାଧୁଗୋସ୍ୱାମୀ, ଘୋଡାଂଶର ଘୋଡେଶ୍ୱର, ନନ୍ଦିଗ୍ରାମର ନନ୍ଦିକେଶ୍ୱର, ତିରୁଣାର ସୁବନ୍ନେଶ୍ୱର, ଗଜରାଜପୁରର ତୁମ୍ବେଶ୍ୱର, ଗୋଠଦାର ଗୋଠେଶ୍ୱର, ତେଲସରରା ରାମେଶ୍ୱର, ଡାହାଣୀଖିଆର ବାବା ଜଟାଧାରୀ, କୋରୁଅର ନୀଳକଣ୍ଠେଶ୍ୱର, ଶାଳିଜଙ୍ଗାର ସିଦ୍ଧେଶ୍ୱର, ଗଙ୍ଗଦାହାଟର ମଉଳା ଭଣଜା ମନ୍ଦିରରେ ଶିବରାତ୍ରୀ ଅନୁଷ୍ଠିତ ହୋଇଛି। ରାତି ୧୧ଟା ପରେ ଅଧିକାଂଶ ଶୈବ ପୀଠରେ ମହାଦୀପ ଉଠିଥିଲା। ନନ୍ଦିକେଶ୍ୱର ପୀଠରେ ରାତ୍ର ୩ ଟାରେ ମହାଦୀପ ଉଠିଥିଲା। ନନ୍ଦିଗ୍ରାମର ନନ୍ଦିକେଶ୍ୱର ପୀଠରେ ଜାଗର ଯାତ୍ରାର ବାର୍ଷୀକ ମୁଖପତ୍ର ତ୍ରୟମ୍ବକମ ତଥା ଭଜନ କ୍ୟାସେଟର ଶୁଭ ଉନ୍ମୋଚନ ହୋଇଥିଲା। ମହନ୍ତ ମହାରଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ରହ୍ମଚାରୀ ବାବା ସତ୍ୟା ନନ୍ଦ ଦାସ, ସାମାଜିକ କର୍ମୀ ସଂଜୟ ସାହାଣୀ, ବିଷ୍ଣୁ ଚରଣ ସ୍ୱାଇଁ, ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, ଗଗନ ବିହାରୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

**ଏରସମା,(ସ୍ୱ.ପ୍ର.)**

ଜଗତସିଂହପୁର ଜିଲାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତର ପଞ୍ଚପଲୀ ଗ୍ରାମେଶ୍ୱର ପୀଠରେ ମହାଶିବ ରାତ୍ରୀ ଅବସରରେ ୫୦ ହଜାର ଭକ୍ତଙ୍କ ସମାବେଶ ହୋଇଥିଲା। ଭୋର ୪ ଟାରୁ ପ୍ରଭୂଙ୍କର ମଙ୍ଗଳ ଆଳତୀ, ସୂର୍ଯ୍ୟ ପୂଜା,ବାଳଭୋଗ ପ୍ରସାଦ ଲାଗି କରାଯାଇଥିଲା। ସାଢେ ୪ରେ ଶ୍ରଦ୍ଧାଳୁମାନଙ୍କ ଦର୍ଶନ ପାଇଁ ଦ୍ୱାର ଉନ୍ମୁକ୍ତ କରାଯାଇଥିଲା। ମନ୍ଦିର କାଯ୍ୟ ନିର୍ବାହୀ ସୁରେନ୍ଦ୍ର ନାଥ ମିଶ୍ର, ଟ୍ରଷ୍ଟ ବୋର୍ଡ ସଭାପତି ପ୍ରଶାନ୍ତ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଶିଶିର କୁମାର ବିଶ୍ୱାଳ, ସରପଞ୍ଚ ବବି ଗଛାୟତଙ୍କ ସହିତ ଗ୍ରାମେଶ୍ୱର ଯୁବକ ସଂଘ କର୍ମକର୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପାରାଦୀପ ବିଧାୟକ ଡା.ଦାମୋଦର ରାଉତ, ବାଲିକୁଦାଏରସମା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ବାଲିକୁଦାର ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ଏମପି କୁଳମଣୀ ସାମଲ, ଭାଜପା ନେତା ରଘୁନନ୍ଦନ ଦାସ, କଂଗ୍ରେସର ରାଜ୍ୟ ପ୍ରଚାର କମିଟି ସଦସ୍ୟ ସାରଦା ପ୍ରସନ୍ନ ଜେନା, ପିସିସି ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ ପ୍ରମୁଖ ପ୍ରଭୁଙ୍କ ଦର୍ଶନ କରିଥିଲେ।



ନାଉଗାଁର ଏକ ଶିବ ମନ୍ଦିରରେ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଓ ଅନ୍ୟମାନେ।

## ନଗଡ଼ାରେ ଅପହଞ୍ଚ ପାଲଟିଛି ବିଜୁଳି ଆଲୋକ



**ସୁକିନ୍ଦା, ୪।୩(ଡି.ଏନ୍.ଏ.)**

ନଗଡା ଅଞ୍ଚଳର ବିକାଶ ଦିଗରେ ସରକାର ବିଭିନ୍ନ ଯୋଜନା କରିଛନ୍ତି। ଅପପୁଷ୍ଟିର ଶିକାର ହୋଇଥିବା ଏହି ଅଞ୍ଚଳରେ ବିକାଶ କ୍ଷେତ୍ରରେ ବହୁ ଅର୍ଥ ବିନିଯୋଗ କରାଯାଉଥିବା ସରକାର ପ୍ରଚାର କରୁଛନ୍ତି। ହେଲେ ଏବେ ବି ସୁକିନ୍ଦାବ୍ଲକ ଚିଙ୍ଗୁଡିପାଳ ପଞ୍ଚାୟତର ନଗଡାବାସୀଙ୍କ ପାଇଁ ବିଜୁଳି ଆଲୋକ ସ୍ୱପ୍ନ ପାଲଟିଛି। ଏଥିସହ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି।

ପ୍ରକାଶ ଯେ, ତଳନଗଡା, ଉପରନଗଡା, ମଝିନଗଡାରେ ରହୁଥିବା ଜୁଆଙ୍ଗ ଜନଜାତି ପରିବାରକୁ ବିଜୁଳି ଯୋଗାଣ ପାଇଁ ସରକାର ସେସୁ ବିଭାଗକୁ ଦାୟିତ୍ୱ ପ୍ରଦାନ କରିଥିଲେ। ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପୋତାସରି ତାର ମଧ୍ୟ ସଂଯୋଗ ସରିଛି। ଏଥିସହ ପ୍ରତି ଘରେ ମିଟର ବସା କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇପାରି ନାହିଁ। ତେଣୁ ଜୁଆଙ୍ଗମାନେ ଆଜି ବି ପୂର୍ବଭଳି ପାହାଡ ଜଙ୍ଗଲ ଘେରା ଘଞ୍ଚଜଙ୍ଗଲରେ ନିଆଁ ବରିଆକୁ ଭରସା କରି ରାତି କାଟିବାକୁ ବାଧ୍ୟ ହେଉଛନ୍ତି। ନଗଡାରେ ଶିକ୍ଷା ପାଇବା ପାଇଁ ଆସାୟୀଥିବା ଏକାଧିକ ଶିଶୁ ବିଜୁଳି ଅଭାବରୁ ସନ୍ଧ୍ୟାରେ ପାଠପଢି ପାରୁ ନାହାନ୍ତି । କେବଳ ଶିଶୁ ନହନ୍ତି ସମସ୍ତ ନଗଡାବାସୀ ବିଜୁଳି ଆଲୋକକୁ ଚାହିଁ ରହିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ବ୍ଲକ ସମାଜମଙ୍ଗଳ ଅଧିକାରୀ ସନ୍ତୋଷ କୁମାର ପତିଙ୍କୁ ପଚାରିବାରୁ ନଗଡାକୁ ବିଜୁଳିଯୋଗାଣ ନିମନ୍ତେ ସମସ୍ତ କାମ ସରିଛି। ସେସୁ ଏହାର ଦାୟିତ୍ୱ ନେଇଛି। ଖୁବଶୀଘ୍ର ବିଜୁଳି ଯୋଗାଣ କରାଯିବାକୁ ପ୍ରଶାସନ ଉଦ୍ୟମ କରିବ ବୋଲି କହିଛନ୍ତି। ଏ ନେଇ ସେସୁ ଅଧିକାରୀଙ୍କ ମତାମତ ମିଳି ପାରି ନାହିଁ। ତେବେ ନଗଡାରେ ବିଜୁଳି ଯୋଗାଣ ପାଇଁ ସରକାର କେତେ ଟଙ୍କା ବ୍ୟୟବରାଦ କରିଛନ୍ତି। ସେ ସମ୍ପର୍କରେ ସୁକିନ୍ଦା ବ୍ଲକର ଏଇଓଙ୍କୁ ପଚାରିବାରୁ କୌଣସି ଉତ୍ତର ଦେଇ ନ ଥିଲେ।

## ସିଂହପୁର ଅଞ୍ଚଳରେ ମହାଶିବରାତ୍ରି

**ସିଂହପୁର, ୪।୩ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ଅଞ୍ଚଳରେ ସୋମବାର ମହାସମାରୋହରେ ମହାଶିବରାତ୍ରି ପାଳିତ ହୋଇଛି। ସିଂହପୁରର ସିଂହେଶ୍ୱର ମହାଦେବ ପୀଠ, ଚନ୍ଦନପୁରର ଚନ୍ଦନେଶ୍ୱର, ବାଙ୍ଗରା କୁସୁନପୁରର ଛୋଟାଗଡି ମହାଦେବ, ଓଳେଇ ଓଡେଶ୍ୱର, ଅଙ୍ଗାଳୋର ଶାମେଶ୍ୱର, ବାଛୋଳ, ଟିଣା, ଫତେପୁର ଆଦି ବିଭିନ୍ନ ଶୈବ ପୀଠରେ ମହାଶିବରାତ୍ରି ପାଳିତ ହୋଇଛି। ଏହି ଉପଲକ୍ଷେ ଭଜନ, କୀର୍ତ୍ତନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଛି।

DADLS-294

ଓଡ଼ିଶା ସରକାର

ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ

୫ ମାର୍ଚ୍ଚ ୨୦୧୯ | ଅପରାହ୍ନ ୪.୧୫

ତୃତୀୟ ମହଲା ସମ୍ମିଳନୀ କକ୍ଷ

ପ୍ରଥମଥର ପାଇଁ ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକର
ସିଧା ପ୍ରସାରଣ ପ୍ରମୁଖ ଓଡ଼ିଆ ଚ୍ୟାନେଲ୍ ମାନଙ୍କରେ ଦେଖନ୍ତୁ
୫ ମାର୍ଚ୍ଚ ୨୦୧୯ ଅପରାହ୍ନ ୪ ଘଟିକାରୁ ।

15001/13/0007/1819



ଯେଉଁ ଲୋକ ଦାୟିତ୍ୱ ତୁଲାଇ ଜାଣିନାହିଁ ବା ଦାୟିତ୍ୱ କ'ଣ ବୁଝିନାହିଁ, ସେ କେବେହେଲେ ନେତୃତ୍ୱ ନେଇପାରିବ ନାହିଁ।
- ସ୍ୱାମୀ ସଚ୍ଚିଦାନନ୍ଦ

## ସଂକ୍ଷେପରେ

### ଶୁଖିଲାଣି ଚୁଆ, ଚିନ୍ତାରେ ଘାଟିସାହି ଆଦିବାସୀ

ଡୁବୁରୀ,୪।୩(ଡି.ଏନ୍.ଏ.)- ଦାନଗଦୀ ବ୍ଲକ ଅନ୍ତର୍ଗତ ରଣାଗୁଣ୍ଡି ପଞ୍ଚାୟତର ଘାଟିସାହି ଆଦିବାସିବସ୍ତି ବାସିନ୍ଦାଙ୍କ ଦୀର୍ଘବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗିରହିଛି। ସହିରେ ସରକାରୀଭାବେ କୌଣସି ନଳକୂପ ନାହିଁ। କିଛି ବର୍ଷ ତଳେ ଏକ ଘରୋଇ ସଂସ୍ଥା ସହାୟତାରେ ସାହିରେ ଏକ ନଳକୂପ ବସାଯାଇଥିଲା। ହେଲେ ଆବଶ୍ୟକୀୟ ରକ୍ଷଣା ବେକ୍ଷଣ ଓ ମରାମତି ଅଭାବରୁ ଗତ ୪ ବର୍ଷ ହେବ ତାହା ଅଚଳ ହୋଇ ପଡିଛି। ଫଳରେ ବସ୍ତିଲୋକେ ଏକ ଚୁଆ ଖୋଳି ଜଳ ସଂଗ୍ରହ କରିଆସୁଛନ୍ତି। କିନ୍ତୁ ଏବେ ରେଳପଥ ଓ ରେଙ୍ଗାଲି କେନାଲ ଖୋଳା କାମ ଚାଲିଥିବାରୁ ଅଞ୍ଚଳରେ ଜଳସ୍ତର କମିବାରେ ଲାଗିଛି। ଫଳରେ ସମ୍ପୃକ୍ତ ଚୁଆରୁ ଜଳ ସଂଗ୍ରହ କରିବା ସମ୍ଭବ ହେଉ ନାହିଁ। ଆସନ୍ତା ସପ୍ତାହକ ମଧ୍ୟରେ ଚୁଆର ଜଳ ଶୁଖିଯିବାର ସମ୍ଭାବନା ଦେଖାଦେଇଛି। ଯଦି ଚୁଆ ପାଣି ଶୁଖିଯାଏ ତେବେ ସାହିଲୋକଙ୍କ ପାଇଁ ଅନ୍ୟକୌଣସି ବିକଳ୍ପ ବ୍ୟବସ୍ଥା ନ ଥିବା ବାନରା, ଗଙ୍ଗା ମୁଣ୍ଡା. ଟୁନା ପୂର୍ତ୍ତି, ବିକ୍ରମ ସିର୍କା ପ୍ରମୁଖ ବସ୍ତିଲୋକେ କହିଛନ୍ତି। ଏ ନେଇ ବହୁବାର ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ତୁରନ୍ତ ଏ ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସେମାନେ ଚେତାବନୀ ଦେଇଛନ୍ତି।

### ଶିଶୁ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧନା

ଧର୍ମଶାଳା,୪।୩(ଡି.ଏନ୍.ଏ.)- ଧର୍ମଶାଳା ବ୍ଲକ ଜାରକା ଅଞ୍ଚଳର ନୃତ୍ୟଶିଳ୍ପୀ ତଥା ଚଳଚ୍ଚିତ୍ର ଜଗତର ଶିଶୁ କଳାକାର ସ୍ୱଜଳା ଦାଶଙ୍କୁ ଭୁବନେଶ୍ୱରସ୍ଥିତ ଉତ୍କଳ ମଣ୍ଡପଠାରେ ରାଜ୍ୟସ୍ତରୀୟ ଷଷ୍ଠ ସରକାରୀ ଟେଲି ଆୱାର୍ଡ ପ୍ରଦାନ ଉତ୍ସବରେ ସମ୍ମାନିତ କରାଯାଇଛି। ଜାରକା ଭେଙ୍କଟେଶ୍ୱର ସ୍କୁଲରେ ଷଷ୍ଠ ଶ୍ରେଣୀର ଛାତ୍ରୀ। ସେ ଓଡ଼ିଆ ଚଳଚ୍ଚିତ୍ର 'ସଞ୍ଜ ସକାଳ'ରେ ଶିଶୁ କଳାକାରଭାବେ ଅଭିନୟ କରିଥିଲେ। ଏହି ଚଳଚ୍ଚିତ୍ର ମଧ୍ୟ ରାଜ୍ୟର ଶ୍ରେଷ୍ଠ ଟେଲିଚଳଚ୍ଚିତ୍ରଭାବେ ପୁରସ୍କୃତ କରାଯାଇଛି। ଏମ୍‌ପି ପ୍ରଶନ୍ନ ପାଟଶାଣୀ, ରାଜ୍ୟ ସଂସ୍କୃତି ସଚିବ ମନୋରଞ୍ଜନ ପାଣିଗ୍ରାହୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉତ୍ସବରେ ଯୋଗଦେଇଥିଲେ। ଏ ନେଇ କୁନି ପ୍ରତିଭା ସ୍ୱଜଳାଙ୍କୁ ଧର୍ମଶାଳାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି। ସ୍ୱଜଳାଙ୍କୁ ଅଭିନୟରେ ସୁଯୋଗ ଦେଇଥିବା ପ୍ରଯୋଜକ ସତ୍ୟକାନ୍ତ ସାହୁ, ନିର୍ଦ୍ଦେଶକ ମାନସ ପରିଡ଼ାଙ୍କୁ ମଧ୍ୟ ପୂର୍ବରୁ ବହୁ ସଫଳ ଚଳଚ୍ଚିତ୍ର ପାଇଁ ପୁରସ୍କୃତ କରାଯାଇଛି।

### ପିଡିଙ୍କ କାର୍ଯ୍ୟାଳୟରେ ଯୋଗଦେଲେ ବହିଷ୍କୃତ ଜିଆରଏସ୍

ରସୁଲପୁର,୪।୩(ଡିଏନଏ)- ୧୫ ନଭେମ୍ବର, ୨୦୧୮ରୁ ସମଗ୍ର ରାଜ୍ୟରେ ଗ୍ରାମ ରୋଜଗାର ସେବକ(ଜିଆରଏସ) ସଂଘ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇ ଆସୁଥିଲା। ଜିଆରଏସଙ୍କୁ ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନ ଜାରି ରହିଥିଲା। ସରକାର ଓ ସଂଘ ମଧ୍ୟରେ ରୁଦ୍ଧଦ୍ୱାର ବୈଠକ କରାଯାଇ ଆଲୋଚନା ସଫଳ ହେବାପରେ ରବିବାର ବହିଷ୍କୃତ ଜିଆରଏସ୍‌ମାନେ ଯାଜପୁର ଜିଲା ପ୍ରକଳ୍ପ ନିର୍ଦ୍ଦେଶକ (ପିଡି)ଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ଏ ଦିଗରେ ପ୍ରକଳ୍ପ ନିର୍ଦ୍ଦେଶକ, ବିଡିଓଙ୍କୁ ଅବଗତ କରାଇବା ପରେ ସେବିକାସେବକ ସଂପୃକ୍ତ ପଞ୍ଚାୟତରେ କାର୍ଯ୍ୟରେ ଯୋଗଦେବେ ବୋଲି ଜଣାପଡିଛି।
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପତ୍ର ସଂଖ୍ୟା ୪୭୭୪/୨।୩।୧୯ରେ ଜିଲାପାଳ, ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚିଠି ଜରିଆରେ ବହିଷ୍କୃତ ଜିଆରଏସଙ୍କୁ ପୁନର୍ବାର କାର୍ଯ୍ୟ କରିବାର ସୁଯୋଗ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂଘ ପକ୍ଷରୁ ୧୦୭ଦିନ ଆନ୍ଦୋଳନରେ ଜଡିତ ଥିବା ଜିଲାର ୧୯୦ ସେବିକା ସେବକଙ୍କୁ ଜିଲାପାଳ କାର୍ଯ୍ୟରୁ ବିଦା କରିଦେଇଥିଲେ। ଏ ନେଇ ଉଚ୍ଚସ୍ତରୀୟ ଆଲୋଚନା ପରେ କାର୍ଯ୍ୟରେ ଯୋଗ ଦେବାକୁ ଚାହୁଁଥିବା ଜିଆରଏସଙ୍କୁ ସୁଯୋଗ ଦେବାକୁ କୁହାଯାଇଛି। ଆନ୍ଦୋଳନ ସମୟରେ ବହିଷ୍କୃତ ସେବିକା ସେବକ କୌଣସି ଅପରାଧିକ ମାମଲାରେ ଜଡିତ ନ ଥିବେ। ଜିଆରଏସଙ୍କର ଆନ୍ଦୋଳନ ସମୟକୁ ନୋ ୱାର୍କ ନୋ ପେ ଭାବରେ ବିବେଚନା କରାଯିବ। ଏଥିସହ ପଦୋନ୍ନତି ବେଳେ ଆନ୍ଦୋଳନ ସମୟକୁ ବରିଷ୍ଠତାରୁ ବାଦ ଦିଆଯିବା ଭଳି ସର୍ତ୍ତ ରଖାଯାଇଛି। ତେବେ ଚଳିତ ସାଧାରଣ ନିର୍ବାଚନ ପରେ ଜିଆରଏଙ୍କ ଦାବିକୁ ପୂରଣ କରାଯିବ ବୋଲି ସରକାର ପ୍ରତିଶ୍ରୁତି ଦେଇଛନ୍ତି। ସରକାରଙ୍କ ନିଷ୍ପତ୍ତି ଓ ଜନସାଧାରଣଙ୍କ ସମସ୍ୟା ବିଚାରକୁ ନେଇ ସଂଘ ଏଭଳି ପଦକ୍ଷେପ ନେଇଛି ବୋଲି କୁହାଯାଉଛି।

# ରାହା ଖୋଜୁଛନ୍ତି ଘରଚଟିଆ

ଅଭିମନ୍ୟୁ ମିଶ୍ର
ଯାଜପୁର ରୋଡ,୪।୩(ନି.ପ୍ର)



■ଲୋପ ପାଇବାକୁ ବସିଲେଣି ଘରଚଟିଆ ■ସରକାରୀସ୍ତରରେ ସଚେତନତା ଦାବି

ଆଧୁନିକତାର ଛାପରେ ମାନବ ସମାଜରୁ ବିଲୁପ୍ତ ହେବାକୁ ବସିଲେଣି ଅନେକ ଜୀବଜନ୍ତୁ। ପରିବେଶ ସନ୍ତୁଳନଠାରୁ ଆରମ୍ଭ କରି ମାନବ ସମାଜର ଜୀବନଶୈଳୀ ସହିତ ଜଡିତ ହୋଇ ଆସୁଥିବା ଏହି ଜୀବଜନ୍ତୁ ଏବେ ଆଉ ଦେଖିବାକୁ ମିଳୁ ନାହାନ୍ତି। ଏମିତି ଅନେକ ଜୀବଜନ୍ତୁ ଅଛନ୍ତି ଯାହାକି ଜୀବଜଗତରୁ ବିଲୁପ୍ତ ହୋଇସାରିଛନ୍ତି। ଏହି କ୍ରମରେ ଏବେ ଯୋଡି ହୋଇଛି ଘର ଚଟିଆ। ଚାଳଛପର ଘର ସଂଖ୍ୟା କମିବାରେ ଲାଗିଥିବାବେଳେ ବୃଦ୍ଧି ପାଉଛି କୋଠାବାଡି। ଫଳରେ ଘରଚଟିଆ ନିଜର ବାସ ହରାଉଛି। ରହଣି ଓ ବଂଶ ବୃଦ୍ଧି ପାଇଁ ସେମାନେ ଉପଯୁକ୍ତ ସ୍ଥାନ ନ ପାଇବାରୁ ଏବେ ସହରୀ ମୁହାଁ ହୋଇଛନ୍ତି। ଯଦ୍ୱାରା ଗାଁ ଗହଳିରେ ଆଉ ଶୁଭୁନି ଘର ଚଟିଆଙ୍କ କିଚିରି ମିଚିରି ଶବ୍ଦ। ଯାଜପୁର ଜିଲାର ଅନେକାଂଶ ସହରରେ ଘରଚଟିଆଙ୍କୁ ଦେଖିବାକୁ ମିଳୁଥିଲେ ମଧ୍ୟ ଦିନକୁ ଦିନ ଏମାନଙ୍କ ବଂଶ କମିବାରେ ଲାଗିଛି। ଯାଜପୁର ରୋଡ ସହର ଓ କେତେକ ସ୍ଥାନରେ ଘରଚଟିଆ ଦେଖିବାକୁ ମଳୁଛି। ବିଶେଷ କରି ଯାଜପୁର ରୋଡ ସହରର ଷ୍ଟେଶନ ବଜାର ନିକଟ କାଗଜ ଫୁଲ ଗଛ, ବିଦ୍ୟୁତ୍ କେବୁଲ୍ ଓ ଓସ୍ତ ଗଛ ଡାଳରେ ବହୁ ମାତ୍ରାରେ ଘରଚଟିଆ ରହୁଛନ୍ତି। ସନ୍ଧ୍ୟାରେ ସେମାନଙ୍କ କିଚିରି ମିଚିରି ଶବ୍ଦ ଷ୍ଟେଶନ ବଜାରରେ ପରିଲକ୍ଷିତ ହୁଏ। କିନ୍ତୁ କଳିଙ୍ଗନଗର ଶକ୍ତାଞ୍ଚଳ ଧୂଳିଧୂଆଁ ଓ ସୁକିନ୍ଦା ଖଣି ଅଞ୍ଚଳର କ୍ରୋମାଇଟ ଧୂଳି ଧୂଆଁ ଏବଂ ଚିପ୍ସ ଗୁଣ୍ଡର ଧୂଳି ଏବେ ଘରଚଟିଆଙ୍କ ପ୍ରତି ବିପଦ ସୃଷ୍ଟି କରଛି। ଏଥିସହ ମୋବାଇଲ ଟାୱାରୁ ବାହାରୁ ଥିବା ରାଡିଏଶନ୍ ଯୋଗୁ ଘରଚଟିଆ ଓ ଅନ୍ୟାନ୍ୟ ପକ୍ଷୀ ବଂଶ ବୃଦ୍ଧିରେ ବାଧାପ୍ରାପ୍ତ ହେଉଥିବା ବହୁ ପରିବେଶବିତ୍ ମତ ପ୍ରକାଶ କରିଛନ୍ତି। ଆଇୟୁସିଏନ୍ ରିପୋର୍ଟ ମଧ୍ୟ ସାରା ବିଶ୍ୱରେ ଘରଚଟିଆ ବଂଶ ପ୍ରତି ବିପଦ ସୃଷ୍ଟି ହୋଇଥିବା ଦର୍ଶାଇଛି। ସରକାରଙ୍କ ପକ୍ଷରୁ ଏମାନଙ୍କ ବଂଶ ବୃଦ୍ଧିଦିଗରେ ପଦକ୍ଷେପ ଗ୍ରହଣ କରାଯିବା ସହ ସଚେତନ କରାଗଲେ କିଛିଟା ସୁଧାର ଆସି ପାରିବ ବୋଲି ବିଶିଷ୍ଟ ପରିବେଶବିତ୍ ବ୍ରଜ କିଶୋର ପତି କହିଛନ୍ତି। ଏଥିସହ ଘରଚଟିଆଙ୍କ ବଂଶ ବିସ୍ତାର ପାଇଁ ମାଟିରେ ତିଆରି ପାତ୍ର, ନଡ଼ିଆ ବାହୁଙ୍ଗାରେ ବାସ ସ୍ଥାନ ତିଆରି କରିବା ସଙ୍ଗେ ଘରେ ବାକ୍ସ ତିଆରି କରି ଛଣକୁଟା ରଖି ଘରଚଟିଆଙ୍କୁ ପାଳିଲେ ସେମାନଙ୍କର ବଂଶ ବୃଦ୍ଧି ହୋଇପାରିବ ବୋଲି ସେ କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଶୋଭାଯାତ୍ରା

ଚଢେଇଧରା, ୪।୩(ଡି.ଏନ.ଏ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ମହିଶରା ପଞ୍ଚାୟତ ରମ୍ପୈଇସ୍ଥିତ ସ୍ୱେପ୍ନେଶ୍ୱର ମନ୍ଦିର ପରିସରରେ ରବିବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ମହିଳାମାନେ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବାବାଜୀ ଚରଣ ପଣ୍ଡା ଓ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା କର୍ତ୍ତାଭାବେ ଯଜ୍ଞରେ ଉପସ୍ଥିତ ରହି ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ନାରାୟଣ ତ୍ରିପାଠୀ, ଅଶୋକ ଶତପଥୀ, ଯୋଗେନ୍ଦ୍ର ପାଢୀ, ମହେଶ୍ୱର ଶତପଥୀ ଓ ଶଙ୍କର ପାଢୀ ପ୍ରମୁଖ ଯଜ୍ଞ କାର୍ଯ୍ୟରେ ନିୟୋଜିତ ଥିଲେ। ଏଥିରେ ପଡୋଶୀ ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଯଜ୍ଞ କାର୍ଯ୍ୟକ୍ରମରେ ପ୍ରତିଦିନ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ଏଥିସହ ଗ୍ରାମରେ ଆମିଷ ବର୍ଜନ କରିବା ନେଇ ନିଷ୍ପତ୍ତି ହୋଇଛି।

## କୁମାରୀସାହିରେ ଆଲୋକୀକରଣ ଦାବି

ଧର୍ମଶାଳା,୪।୩(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଞ୍ଚଳର ସମସ୍ତ ସାହିବସ୍ତିରେ ଆଲୋକୀକରଣ କରାଯିବା ଲକ୍ଷ୍ୟରେ ପଞ୍ଚାୟତ ମାଧ୍ୟମରେ ବହୁ ଅର୍ଥ ବ୍ୟୟ କରାଯାଉଛି। କିନ୍ତୁ ଦୀପତଳ ଅନ୍ଧାର ଭଳି ଧର୍ମଶାଳା କୁମାରୀ ପଞ୍ଚାୟତ ଅଫିସଠାରୁ ମାତ୍ର କିଛିବାଟ ଦୂରରେ ଗଣେଶ ମଣ୍ଡପ ଶୈଳବିହାର ସାହିର ସାହାଣୀ ହାଉସିଂ କମ୍ପ୍ଲେକ୍ସ ପର୍ଯ୍ୟନ୍ତ ଭାଙ୍ଗିଯାଇଥିବା କଂକ୍ରିଟ ରାସ୍ତାର ମରାମତି ହୋଇ ପାରି ନାହିଁ। ଅପରପକ୍ଷେ ଜନଗହଳିପୂର୍ଣ୍ଣ ଅଞ୍ଚଳର ଆଲୋକୀକରଣ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇ ପାରି ନ ଥିବା ବୁଦ୍ଧିଜୀବୀ ଫୋରମ ଆବାହକ ସୁନାକର ସାହୁ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କୁମାରୀ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚ ନଟବର ସାହୁ, ବ୍ଲକ ଅଧ୍ୟକ୍ଷ ଓ ସ୍ଥାନୀୟ ବିଧାୟକଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ହୋଇ ପାରି ନାହିଁ। ଏ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଧର୍ମଶାଳା ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ସୁମନ୍ତ ଦାସଙ୍କୁ ପଚାରିବାରୁ ଏ ଦିଗରେ ପଞ୍ଚାୟତ ପକ୍ଷରୁ ପ୍ରସ୍ତାବ ଆସିଲେ ଆଲୋକୀକରଣ କରାଯିବ ବୋଲି କହିଛନ୍ତି। ତେବେ ଆଲୋକୀକରଣ ପାଇଁ କୁମାରୀ ପଞ୍ଚାୟତକୁ କେତେ ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି। ସେ ସମ୍ପର୍କରେ ପଞ୍ଚାୟତ ପକ୍ଷରୁ ଏକ ସ୍ପଷ୍ଟୀକରଣ ସ୍ଥାନୀୟ ଜନସାଧାରଣଙ୍କୁ ଦେବା ପାଇଁ ସାଧାରଣରେ ଦାବି ଜୋର ଧରିଛି।

## ଟାଟା ଷ୍ଟିଲର ପ୍ରତିଷ୍ଠା ଦିବସ

କଳିଙ୍ଗନଗର,୪।୩(ଡି.ଏନ୍.ଏ.)

ଟାଟା ଷ୍ଟିଲ ପକ୍ଷରୁ ରବିବାର ୧୮୦ତମ ପ୍ରତିଷ୍ଠାତା ଦିବସ ହଟ୍ ଷ୍ଟ୍ରିପ୍ ମିଲ୍ ପରିସରରେ ପାଳିତ ହୋଇଯାଇଛି। ଇଲେକ୍ଟ୍ରିକାଲ ମେଣ୍ଟେନାନ୍ସ ବିଭାଗର ମୁଖ୍ୟ ଅମିତ୍ କୁମାର ଚାଟାର୍ଜୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜେଏନ୍ ଟାଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଅବସରରେ ଟେକ୍ନୋଭିଜନ ସମ୍ପର୍କିତ ଏକ ପ୍ରଦର୍ଶନୀକୁ ଚାଟାର୍ଜୀ ଉଦ୍‌ଘାଟନ କରିଥିଲେ। ଉକ୍ତ ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଦୁରଦ୍ରଷ୍ଟା ଜେଏନ୍ ଟାଟାଙ୍କ ଚିନ୍ତାଧାର ଓ ଟାଟାଷ୍ଟିଲ, କଳିଙ୍ଗନଗରର ବିଭିନ୍ନ ବିଭାଗର ସଫଳତା ସ୍ଥାନ ପାଇଥିଲା। ପୂର୍ବରୁ ବିଭିନ୍ନ ବିଭାଗର ଏକ ପଦଯାତ୍ରା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକପ୍ରତିନିଧି ଟାଟା ପରିବାରର ସଦସ୍ୟ ପ୍ରମୁଖ ଯୋଗଦେଇ ଜେଏନ୍ ଟାଟାଙ୍କ ପ୍ରତି ଶ୍ରଦ୍ଧା ଜ୍ଞାପନ କରିଥିଲେ। ପୁନର୍ବାସ ଓ ଥଇଥାନ ବିଭାଗ ପକ୍ଷରୁ ଟାଟାଷ୍ଟିଲ୍ ଏକାଦଶ ଓ ବିସ୍ଥାପିତ ଏକାଦଶ ମଧ୍ୟରେ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।

## ଧାନମଣ୍ଡଳ ଷ୍ଟେଶନରେ ରହିବ ୨ ଟ୍ରେନ୍

ଚଣ୍ଡିଖୋଲ,୪।୩(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଧାନମଣ୍ଡଳ ରେଳଷ୍ଟେଶନ ଏକ ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନ ଭାବେ ପରିଗଣିତ। ଏହି ଷ୍ଟେଶନରେ ଟ୍ରେନ୍ ରହଣି ପାଇଁ ଦୀର୍ଘଦିନ ହେବ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିବା ପରେ ବଡ଼ଚଣା ଭାଜପା ନେତା ଅମର ନାୟକ ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ। ଧର୍ମେନ୍ଦ୍ରଙ୍କ ଉଦ୍ୟମ ପରେ ରେଳମନ୍ତ୍ରୀ ପୀୟୂଷ ଗୋୟଲ ଏ ସମ୍ପର୍କରେ ପୂର୍ବତଟ ରେଳ ବିଭାଗକୁ ଚିଠି ଲେଖିଥିଲେ। ଏବେ ଧାନମଣ୍ଡଳଠାରେ ପୁରୀ-ନୀଳାଚଳ ସୁପରଫାଷ୍ଟ ଏକ୍ସପ୍ରେସ୍, ଭୁବନେଶ୍ୱର-କେନ୍ଦୁଝର ପାସେଞ୍ଜର ରହଣି ପାଇଁ ସ୍ଥିରୀକୃତ କରିବା ପରେ ସୋମବାର ବଡ଼ଚଣା ଭାଜପା ତରଫରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଯାଇଛି। ଏ ନେଇ ଚଣ୍ଡିଖୋଲ ଭାଜପା କାର୍ଯ୍ୟାଳୟ ପରିସରରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ଭାଜପା ନେତା ଅମର ନାୟକ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନଙ୍କ ବଡ଼ଚଣା ଅଞ୍ଚଳ ପ୍ରତି ଭଲପାଇବା ଥିବା ଯୋଗୁ ଚଣ୍ଡିଖୋଲରୁ ଭୁବନେଶ୍ୱର ପର୍ଯ୍ୟନ୍ତ ୧୬ ନଂ. ଜାତୀୟ ରାଜପଥ ୬ ଥାକିଆ ରାସ୍ତାର ବଡ଼ଚଣା ଛକଠାରେ ଗଳିପୋଲ ନିର୍ମାଣ, ଚଣ୍ଡିଖୋଲ-ଡୁବୁରୀ ୫୩ ନଂ. ଜାତୀୟ ରାଜପଥର ଚଣ୍ଡିଖୋଲ କଲେଜ ନିକଟରେ ଅଣ୍ଡରପାସ ନିର୍ମାଣ, ହରିଦାସପୁର-ପାରାଦୀପ ନିର୍ମାଣାଧୀନ ରେଳପଥର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା ବେଳେ ଏହି ରାସ୍ତାର ବଢେଇଛନ୍ଦା ଓ ଅଠେଇଶିବାଟିଠାରେ ପୋଲ ନିର୍ମାଣରେ ତାଙ୍କର ଅବଦାନ ଥିଲା ସେ ପ୍ରକାଶ କରିଥିଲେ। ସେହିପରି ପାଇଖାନା ନିର୍ମାଣ ନାମରେ କେନ୍ଦ୍ରୀୟ ଅନୁଦାନ ତୋସରପାତ ଘଟଣା ଉପରେ ଜଣେ କନିଷ୍ଠଯନ୍ତ୍ରୀ ଚାକିରିରୁ ବିଦା ହୋଇଥିଲେ। ଏଥିସହ ଦୁର୍ନୀତିରେ ସମ୍ପୃକ୍ତ ୨ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଜରିମାନା ଆଦାୟ ନିଷ୍ପତ୍ତି ନିଆଯିବା ତାଙ୍କର ଉଦ୍ୟମ ବୋଲି ଭାଜପା ନେତା ନାୟକ ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ କାର୍ଯ୍ୟର ଚିଠା ଉପସ୍ଥାପନ କଲାବେଳେ ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଚିତ୍ରା ନନ୍ଦ ମହାପାତ୍ର, ସମିତିସଭ୍ୟ ପ୍ରୀତମ ନାୟକ, ସୁବ୍ରତ ନାୟକ, ଜ୍ଞାନରଞ୍ଜନ ସାହୁ, ସାରଦାନନ୍ଦ ରାଉତ, ନୃସିଂହ ନାୟକ, ଲିପୁନା ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍ସବମୁଖର ବରୁଣେଶ୍ୱର



ବରୁଣେଶ୍ୱର କ୍ଷେତ୍ରରେ ଜାଗର ପାଇଁ ଭିଡ ଲାଗି ରହିଛି।

ବିଞ୍ଝାରପୁର,୪।୩(ଡି.ଏନ.ଏ)

ବିଞ୍ଝାରପୁର ବ୍ଲକର ପ୍ରସିଦ୍ଧ କ୍ଷେତ୍ର ବାବା ବରୁଣେଶ୍ୱର ପୀଠ ସମେତ ସମସ୍ତ ପୂରପଲ୍ଲୀରେ ମହାଶିବରାତ୍ରୀ ଜାଗର ମହାସମାରୋହରେ ସୋମବାର ପାଳିତ ହୋଇଯାଇଛି। ବରୁଣେଶ୍ୱର ପୀଠରେ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥିଲା। ଜାଗର ଯୋଗୁ ବରୁଣେଶ୍ୱର କ୍ଷେତ୍ରରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ସନ୍ଧ୍ୟା ୭ଟା ୩୦ରେ ସନ୍ଧ୍ୟା ଆଳତୀ ସହ ବାବା ବରୁଣେଶ୍ୱରଙ୍କ ବଡସିଂହାର ବେଶ ହୋଇଥିଲା। ପରେ ରାତି ୯ଟା ୩୦ରେ ମହାଆଳତୀ ସହ ମହାଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା। ଏହି ଅବସରରେ ୫ହଜାରରୁ ଊର୍ଦ୍ଧ୍ୱ ଭକ୍ତ ବରୁଣେଶ୍ୱର କ୍ଷେତ୍ରରେ ରାତିସାରା ଉଜାଗର ରହିଥିଲେ। ବିଞ୍ଝାରପୁର ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଭକ୍ତଙ୍କ ନିମନ୍ତେ ବରୁଣେଶ୍ୱର ପୀଠରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ମାଁସଡା ପଞ୍ଚାୟତ ଗୌଡସାହି ଗ୍ରାମର କଲ୍ୟାଣେଶ୍ୱର ପୀଠରେ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ଅରିଲୋ ଗ୍ରାମର ବାବା ସାମେଶ୍ୱର, ରଣପୁରର ବଟେଶ୍ୱର, ସମଲପୁରର ସମଲେଶ୍ୱର, ବେଲପାଳର ଧବଳେଶ୍ୱର, ବରୁଣେଶ୍ୱର, ବରହମପୁରଛକସ୍ଥିତ କୁଶଳେଶ୍ୱର, ତାଉଁତରାଛକସ୍ଥିତ ଆଖଣ୍ଡଳମଣୀ ପୀଠ ଆଦି କ୍ଷେତ୍ରରେ ମହାସମାରୋହରେ ଶିବରାତ୍ରୀ ପାଳନ କରାଯାଇଥିଲା।

## ମାର୍ଚ୍ଚ ସୁଦ୍ଧା ଆବାସ ସମ୍ପୂର୍ଣ୍ଣ ନ କଲେ କାର୍ଯ୍ୟାନୁଷ୍ଠାନ

ଯାଜପୁର ଅଫିସ,୪।୩

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାରେ ଯେଉଁ ହିତାଧିକାରୀମାନେ କାର୍ଯ୍ୟଦେଶ ପାଇ ମଧ୍ୟ ଘର ସମ୍ପୂର୍ଣ୍ଣ କରିନାହାନ୍ତି ସେମାନେ ଆସନ୍ତା ୩୧ ତାରିଖ ସୁଦ୍ଧା ଘରଗୁଡିକୁ ପୂର୍ଣ୍ଣାଙ୍ଗ କରିବାକୁ ଜିଲାପାଳ ରଞ୍ଜନ କୁମାର ଦାସ ଅନୁରୋଧ କରିଛନ୍ତି। ତେବେ ଯେଉଁ ହିତାଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଘର ପୂର୍ଣ୍ଣାଙ୍ଗ କରିବାରେ ଅବହେଳା ପ୍ରଦର୍ଶନ କରିଛନ୍ତି ସେମାନଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ କାର୍ଯ୍ୟାଦେଶ ରଦ୍ଦ କରାଯିବ ବୋଲି ସେ ସତର୍କ କରାଇ ଦେଇଛନ୍ତି। ୨୦୧୬-୧୭ ଏବଂ ୨୦୧୭-୧୮ ବର୍ଷରେ ହିତାଧିକାରୀ ଚୟନ କରାଯାଇ କାର୍ଯ୍ୟାଦେଶ ପାଇଥିବା ଅନେକ ହିତାଧିକାରୀ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଘର ପୂର୍ଣ୍ଣାଙ୍ଗ କରି ପ୍ରୋତ୍ସାହନ ରାଶି ପାଇଛନ୍ତି। ଆଉ କେତେଜଣ ଘରଗୁଡିକ ଅଧାପନ୍ତରିଆ ଭାବେ ଛାଡି ଦେଇଛନ୍ତି। ଘର ସମ୍ପୂର୍ଣ୍ଣ କରି ନିଜ ବକେୟା କିସ୍ତି ମଧ୍ୟ ହିତାଧିକାରୀ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ପାଇ ପାରିବେ। ଯେଉଁ ହିତାଧିକାରୀମାନେ ଘର ପୂର୍ଣ୍ଣାଙ୍ଗ କରିଛନ୍ତି କିନ୍ତୁ ବକେୟା କିସ୍ତି ପାଇ ପାରିନାହାନ୍ତି ସେମାନେ ସମସ୍ତ ଆବଶ୍ୟକ ତଥ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରି ବକେୟା କିସ୍ତି ମଧ୍ୟ ପାଇ ପାରିବେ ବୋଲି ଜିଲାପାଳ ଜଣାଇଛନ୍ତି। ସେହିପରି ଯେଉଁ ହିତାଧିକାରୀ ପ୍ରଥମ କିସ୍ତି ପାଇବାର ୪ ମାସ ମଧ୍ୟରେ ଛାତ ପକାଇ ଘର ଓ ପାଇଖାନା ସମ୍ପୂର୍ଣ୍ଣ କରିଛନ୍ତି ସେମାନଙ୍କୁ ସରକାରଙ୍କ ପକ୍ଷରୁ ୨୦ହଜାର ଟଙ୍କା ପ୍ରୋତ୍ସାହନ ରାଶି ଓ ପ୍ରଥମ କିସ୍ତି ପାଇବାର ୬ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିଥିଲେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ୧୦ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନର ବ୍ୟବସ୍ଥା ରହିଛି। ଏହାର ସୁବିଧା ହିତାଧିକାରୀମାନେ ନେବା ଉଚିତ ଜିଲାପାଳ ଦାସ ସୂଚନା ଦେଇଛନ୍ତି।

## ଭୀମେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ଆରମ୍ଭ

ବିରଜାକ୍ଷେତ୍ର,୪।୩(ଡି.ଏନ୍.ଏ)

ଯାଜପୁର ଥାନା ଅନ୍ତର୍ଗତ ଭେଲଙ୍ଗ ଗ୍ରାମରେ ଥିବା ଭୀମେଶ୍ୱର ମହାଦେବଙ୍କ ଜାଗର ଯାତ୍ରା ସୋମବାରଠାରୁ ଆରମ୍ଭ ହୋଇଛି। ଏହି ଯାତ୍ରା ୮ଦିନ ଧରି ଚାଲିବ। ଏହି ଉପଲକ୍ଷେ ୪୨ତମ ବିଶ୍ୱଶାନ୍ତି ମହାଯଜ୍ଞ ବାବା ଭୀମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହେଉଛି। ଶହ ଶହ ବର୍ଷଧରି ଭୀମେଶ୍ୱର ଏହି ଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଜାଗର ଯାତ୍ରା ଉପଲକ୍ଷେ ବାବା ଭୀମେଶ୍ୱରଙ୍କୁ ପ୍ରାତଃରୁ ସ୍ନାନ କରାଯିବା ପରେ ବଡ଼ସିଂହାର ବେଶରେ ସଜ୍ଜିତ କରାଯାଇ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ଉନ୍ମୁକ୍ତ କରାଯାଇଥିଲା। ଜାଗର ଉପଲକ୍ଷେ ବାବା ଭୀମେଶ୍ୱରଙ୍କୁ ଦର୍ଶନ କରି ମନୋସ୍କାମନା ପୂର୍ଣ୍ଣ ପାଇଁ ଆଖପାଖ ଅଞ୍ଚଳର ଭକ୍ତଙ୍କ ପ୍ରବଳ ଭିଡ଼ ସୋମବାର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଲାଗି ରହିଥିବା ଦେଖିବାକୁ ମିଳିଥିଲା। ଭେଲଙ୍ଗ ଗ୍ରାମର ପ୍ରତି ପରିବାର ଏହି ମହାଦେବଙ୍କୁ ପୂଜାର୍ଚ୍ଚନା କରନ୍ତି। ଜାଗର ଦିନରୁ ଭୀମେଶ୍ୱର ମହାଦେବଙ୍କ ନିକଟରେ ୪୨ତମ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ୧୧ତାରିଖ ପୂର୍ଣ୍ଣାହୂତି ହେବ। ଜାଗର ଯାତ୍ରା ଉପଲକ୍ଷେ ୫ରୁ ୮ ତାରିଖ ପ୍ରତ୍ୟହ ସନ୍ଧ୍ୟାରେ ଭୀମେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପାଲା ଓ ଭଜନ ସମାରୋହ ଅନୁଷ୍ଠିତ ହେବ। ୯ ଓ ୧୦ ତାରିଖ ୨ଦିନ ଧରି ଭୀମେଶ୍ୱର ପଡ଼ିଆରେ ଯାତ୍ରା ପରିବେଷଣ କରାଯିବ। ଏହି ପଡ଼ିଆରେ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଦୋକାନ ଖୋଲିଛି। ଯାତ୍ରାକୁ କମିଟି ସଭାପତି ପ୍ରଭାକର ପତି, ସ୍ଥାନୀୟ ସରପଞ୍ଚ ଜଗବନ୍ଧୁ ମଲ୍ଲିକଙ୍କ ସମେତ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଜାଗର ଯାତ୍ରା ଅନୁଷ୍ଠିତ ହେଉଛି। ଏତଦ୍ ବ୍ୟତୀତ ଯାଜପୁର ସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାଜପୁରର ବିରଜା ମନ୍ଦିର ପରିସରରେ ଥିବା ଈଶାନେଶ୍ୱର ମହାଦେବ, ଭାର୍ଗବେଶ୍ୱର ମହାଦେବ, ତ୍ରିଲୋଚନେଶ୍ୱର ମହାଦେବ, ଆଖଣ୍ଡଳେଶ୍ୱର ମହାଦେବ, ରୁଦ୍ରେଶ୍ୱର ମହାଦେବ ସମେତ ଅନ୍ୟାନ୍ୟ ମହାଦେବ ପୀଠରେ ଜାଗର ଅନୁଷ୍ଠିତ ହେବାସହ ରାତି ୧୦ଟା ପରେ ମହାଦୀପ ଉଠିଥିଲା।

## ଜବରଦଖଲରେ ଡାକ୍ତରଖାନା ଜମି

ଜେନାପୁର,୪।୩(ଡି.ଏନ୍.ଏ.)



ଭୂତ କୋଠି ହୋଇ ପଡି ରହିଥିବା ଡାକ୍ତରଖାନା।

ଜେନାପୁର ଥାନା ଅନ୍ତର୍ଗତ ଚଉଷଠିପଡାସ୍‌ଗଡରେ ତତ୍‌କାଳୀନ ରାଜାଙ୍କ ଜମିରେ ପ୍ରତିଷ୍ଠିତ ଏକ ଡାକ୍ତରଖାନା ଅବହେଳିତ ହୋଇ ପଡରହିଛି। ସରକାରୀ ସହାୟତା ଅଭାବରୁ ମେଡିକାଲଟି ଏବେ ଭୁତ କୋଠି ପାଲଟିଛି। ଦୀର୍ଘଦିନ ଧରି ଅଚଳ ହୋଇପଡିଥିବାରୁ ଉକ୍ତ ଡାକ୍ତରଖାନାଟି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି। ଅପରପକ୍ଷେ ଡାକ୍ତରଖାନା ଅଧୀନରେ ଥିବା ୩ ଏକର ସମ୍ପତି ମଧ୍ୟରୁ ଅନେକ ସମ୍ପତି କେତେକ ବ୍ୟକ୍ତିବିଶେଷ ଅକ୍ତିଆର କରିଥିବା ଜଣାପଡିଛି। ଏ ନେଇ ରାଜା ପରିବାର ପକ୍ଷରୁ ବହୁବାର ଜିଲାପାଳଙ୍କଠାରୁ ଆରମ୍ଭ କରି ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଜଣାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିବା ରାଜାଙ୍କ ପୁଅ ଉମେଶ ଛୋଟରାୟ କହିଛନ୍ତି।

ପ୍ରକାଶ ଯେ, ୧୯୪୯-୫୦ରେ ଚଉଷଠିପଡାଗଡର ରାଜା ଶରତ କୁମାର ଛୋଟରାୟ ମିସ୍ କେସ ନଂ-୩୫୩ ବଳରେ ଉକ୍ତ ଡାକ୍ତରଖାନା ପ୍ରତିଷ୍ଠା କରିବା ପାଇଁ ସରକାରଙ୍କୁ ୩ ଏକର ଜାଗା ହସ୍ତାନ୍ତର କରିଥିଲେ। ଏ ନେଇ ତତ୍‌କାଳୀନ ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ପି. କେ ଦାସଙ୍କ ଆଦେଶନାମା ଅନୁସାରେ ଧର୍ମଶାଳା ତହସିଲ ଅନ୍ତର୍ଗତ ମର୍ଜିତାପୁର ମୌଜା ଜମି ସାବକ ଖାତା ୬୪୨, ସାବକ ଖସଡା ୧୧୭୭ସ୍ଥ ହାଲ ଖାତା ୧୮୭୭, ୧୮୭୫ରେ ୩ ଏକର ଜାଗା ବଦଳ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ବଦଳ କରାଯାଇଥିବା ଜମି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇ ନାହିଁ। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ସେତେବେଳେ ରେକର୍ଡ ରୁମ୍ ଓ କଟକ ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଯାଇଥିଲା। ଏଥିସହ ତତ୍‌କାଳୀନ ଆଦେଶକୁ ଭିତ୍ତିକରି ବନ୍ଦୋବସ୍ତ ସମୟରେ ଉକ୍ତ ଡାକ୍ତରଖାନା ଜମିକୁ ରାଜାଙ୍କ ପୁଅ ଉମେଶ ଛୋଟରାୟଙ୍କ ଓ ତାଙ୍କ ପରିବାରଙ୍କ ମାର୍ଫତରେ ରେକର୍ଡ କରାଯିବା କଥା। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ତାହା କରାଯାଇ ନାହିଁ। ଏହାକୁ ବିରୋଧକରି ରାଜପରିବାର ପକ୍ଷରୁ ୨୦୧୮ରେ ଆର ପି କେସ ନଂ ୧୦,୧୧ରେ କମିଶନଙ୍କ କୋର୍ଟରେ ଏକ ମାମଲା ଚାଲୁ ରହିଛି। ଅପରପକ୍ଷେ ଡାକ୍ତରଖାନା ଗୃହ ନିର୍ମାଣ କରାଯିବାର ମାତ୍ର କିଛି ମାସ ରୋଗୀସେବା ଯୋଗାଇ ଦିଆଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଆର୍ଥିକ ସହାୟତା ନ ମିଳିବାରୁ ତାହା ବନ୍ଦ ହୋଇଯାଇଛି। ବର୍ଦ୍ଧିତ ଜନସଂଖ୍ୟା ଦୃଷ୍ଟିରୁ ବର୍ତ୍ତମାନ ଉକ୍ତ ଡାକ୍ତରଖାନା ଖୋଲାଯିବା ନିତ୍ୟାନ୍ତ ଆବଶ୍ୟକ ରହିଛି। ତେବେ ଉକ୍ତ ଜମିରେ ସ୍ଥାନୀୟ ସାଥୁଆପାଟଣା ଗ୍ରାମର ରବି ସାହୁ ଜବରଦଖଲ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରୁଛନ୍ତି। ଗୋଟିଏ ଜାଗାର ପଟ୍ଟା ଦେଖାଇ ଉକ୍ତ ମେଡିକାଲ ଜାଗାରେ ଆବାସ ଯୋଜନାରେ ଘର ତିଆରି କରାଯାଉଛି। ସର୍ବସାଧାରଣଙ୍କ ପାଇଁ ଜମି ବଦଳ ଦେଇ ଡାକ୍ତରଖାନା ନିମନ୍ତେ ଆଣିଥିବା ଜମି ଜବରଦଖଲ ହେଉଥିବାରୁ ଜମିର ସୁରକ୍ଷା ଦୃଷ୍ଟିରୁ ରାଜ ପରିବାର ପକ୍ଷରୁ ଏସ୍‌ଡିଏମ୍‌ଙ୍କ କୋର୍ଟରେ ୨୫/୨୦୧୯ରେ ଏକ୧୪୪ କେସ୍ ଦାୟର କରାଯାଇଛି। କିନ୍ତୁ ରବି ତାହାକୁ ଖାତିର ନ କରି ଘର କାମ କରୁଛନ୍ତି। ଏ ନେଇ ଜିଲାପାଳ, ତହସିଲଦାର, ବିଡିଓ ଧର୍ମଶାଳା, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ଦୌଡି ନିରାଶ ହୋଇଥିବା ରାଜାଙ୍କ ପୁଅ ଉମେଶ ଛୋଟରାୟ କହିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତିଙ୍କୁ ପଚାରିବାରୁ ନୂତନଭାବେ କାର୍ଯ୍ୟରେ ଯୋଗଦେଇଥିବାରୁ ତାଙ୍କ ନିକଟ ଏ ବାବଦରେ ଅଭିଯୋଗ ହୋଇ ନାହିଁ। ତେବେ ଏ ସଂକ୍ରାନ୍ତରେ ତଦନ୍ତପରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ୧୦ରେ ଯୁବ କଂଗ୍ରେସ ସମାବେଶ

ରାଜକନିକା,୪।୩( ଡି.ଏନ୍.ଏ.): ଆସନ୍ତା ୧୦ରେ ଆଳି ନିର୍ବାଚନମଣ୍ଡଳୀସ୍ତରୀୟ ଯୁବ କଂଗ୍ରେସର ସମାବେଶ ଉତ୍ସବ ଖରସ୍ରୋତା ନଦୀର ଗଡଗଡିଘାଟ ନିକଟରେ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟ କଂଗ୍ରେସର ବହୁ ଯୁବ ନେତୃତ୍ୱ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ରାଜକନିକା ବ୍ଲକର କଣ୍ଟପଡାଠାରେ ସୋମବାର ଏକ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା। ୨୯ ନଂ ଜୋନ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା ଏଥିରେ ଅଧକ୍ଷତା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ବେକାରି ସମସ୍ୟା ରୋକିବାରେ ବିଫଳ ହୋଇଛି ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଏଥିସହ ଯୁବ କଂଗ୍ରେସ ସମାବେଶକୁ ସଫଳ କରିବା ସମ୍ପର୍କରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ କେନ୍ଦ୍ରାପଡା ଲୋକ ସଭା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ରାଜମୋହନ ସ୍ୱାଇଁ, ରାଜକନିକା ବ୍ଲକ ଯୁବ କଂଗ୍ରେସ ସଭାପତି ସତ୍ୟ ପରିଡା, ଯୁବ କଂଗ୍ରେସ ନେତ୍ରୀ ଦେବସ୍ମିତା ଶର୍ମା। ବିଧାୟକ ଦେବେନ୍ଦ୍ର ଶର୍ମା ଓ ବରିଷ୍ଠ କଂଗ୍ରେସ ନେତା ବାବୁରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

**ପଞ୍ଚାମୁଣ୍ଡାଇ, ୪।୩ (ସ୍ୱ.ପ୍ର):** ପଞ୍ଚାମୁଣ୍ଡାଇ ବ୍ଲକ୍ ଧୋୟା ଅଞ୍ଚଳର ଖବରଦାତା ଚିରଞ୍ଜନ ମଲ୍ଲିକ୍‌ଙ୍କ ମା'ଚାରୁଲତା ମଲ୍ଲିକ୍ (୮୫)ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ପରଲୋକ ଘଟିଛି। ଚାରୁଲତା ଜଣେ ଧର୍ମପରାୟଣା, ପରୋପକାରୀ ଓ ଆଦର୍ଶ ମହିଳା ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅଣରାସ୍ଥିତ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଚାରୁଲତାଙ୍କ ବିୟୋଗରେ ଜିଲା ଖବରଦାତା ସଂଘ ପକ୍ଷରୁ ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ଚିରଞ୍ଜନ ସାହୁ, ଚିରଞ୍ଜନ ଦାସ, ସନ୍ତୋଷ କର, କଳ୍ପତରୁ ନାୟକ ଓ ପ୍ରଫୁଲ୍ଲ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

### ସଂସାରଫଳରେ ହରପାର୍ବତୀ ପୂଜା

**ପଞ୍ଚାମୁଣ୍ଡାଇ, ୪।୩ (ସ୍ୱ.ପ୍ର.):** ପବିତ୍ର ଶିବରାତ୍ରି ଅବସରରେ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ପଞ୍ଚାମୁଣ୍ଡାଇ ଅଞ୍ଚଳ। ଜାଗର ପାଇଁ ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରି ଜାଗରବ୍ରତ ପାଳନ କରିଛନ୍ତି। ଏହି ଅବସରରେ ସଂସାରଫଳ ସାଂସ୍କୃତିକ ପରିଷଦ ପକ୍ଷରୁ ଗୁପ୍ତେଶ୍ୱର ମହାଦେବଙ୍କ ପରିସରରେ ହରପାର୍ବତୀଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ହରପାର୍ବତୀ ପୂଜା ଭକ୍ତମାନଙ୍କର ଦୃଷ୍ଟି ଆକର୍ଷଣ କରିଥିବା ବେଳେ ବହୁ ଶ୍ରଦ୍ଧାଳୁଙ୍କ ଭିଡ ଲାଗିରହିଥିଲା।

# ବଢୁଛି ଅନୁପ୍ରବେଶ, ଚୁପ୍ ବସିଛି ପ୍ରଶାସନ

**କେନ୍ଦ୍ରାପଡା ଅଫିସ, ୪।୩**

- ଜିଲାରେ ୩୯ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳା ଭାଷୀ ଭୋଟର
- ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ କରୁଛନ୍ତି
- ଚଞ୍ଚକତା କରି ଭାରତୀୟ ନାଗରିକତ୍ୱ ହାସଲ କରୁଛନ୍ତି

କେନ୍ଦ୍ରାପଡ଼ା ଜିଲାର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ଦିନକୁ ଦିନ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। କଶ୍ମୀରର ପୁଲ୍‌ୱାମା ବିସ୍ଫୋରଣ ପରେ ଭାରତ ପକ୍ଷରୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ବିରୋଧରେ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇବାର ଆଶଙ୍କା ରହିଛି। ଏଭଳି ସ୍ଥିତିରେ ଜିଲାର ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଯୋଗୁ ଦେଶର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଅନୁପ୍ରବେଶକାରୀମାନେ ଜିଲାର ବନାଞ୍ଚଳରେ ଜବରଦଖଲ କରି ସେଠାରେ ବେଆଇନ ଚିଙ୍ଗୁଡି ଘେରି ନିର୍ମାଣ କରିବା ସହ ବ୍ୟବସାୟ କରୁଛନ୍ତି। ପରବର୍ତ୍ତୀ ସମୟରେ ସେମାନେ ବିଭିନ୍ନ ଚଞ୍ଚକତା କରି ଭାରତୀୟମ ନାଗରିକତାର ପ୍ରମାଣପତ୍ର ହାସଲ କରି ନେଉଛନ୍ତି। ଏବେ ଜିଲାରେ ଥିବା ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ସେମାନେ କାୟା ବିସ୍ତାର କରି ଚାଲିଛନ୍ତି। ଏଠାକାର ବନ୍ୟଜନ୍ତୁ ଓ ସାମୁଦ୍ରିକ ସମ୍ପଦ ଉପରେ ସେମାନଙ୍କ ଆଖିପଡିଛି। ଫଳରେ ଜାତୀୟ ଉଦ୍ୟାନରେ ବସବାସ କରୁଥିବା ବାର୍‌ହା, ହରିଣ, କୁମ୍ଭୀର ସହ ବିରଳ ପ୍ରଜାତିର ସାମୁଦ୍ରିକ ପ୍ରାଣୀଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ମାତ୍ର ଏନେଇ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ଅପରପକ୍ଷେ ବେଆଇନ ଚିଙ୍ଗୁଡି ଘେରିଗୁଡିକୁ ଉଚ୍ଛେଦ କରିବା ନିମନ୍ତେ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ମାତ୍ର ପ୍ରଶାସନ ପକ୍ଷରୁ ଘେରି ଉଚ୍ଛେଦ କରିବା ଲାଗି କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ପରେ ମାର୍ଚ୍ଚ ୧ରେ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଲାଗି ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ଶାସନ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲା ପ୍ରଶାସନ ପକ୍ଷରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଦିଆଯାଇଥିବା ତଥ୍ୟ ସମ୍ପୂର୍ଣ୍ଣ ନୁହେଁ ବୋଲି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରୀ ମୋହିତ ଅଗ୍ରୱାଲ କହିଛନ୍ତି। ପୁନର୍ବାର ମାର୍ଚ୍ଚ ୬ରେ ଏ ସମ୍ପର୍କିତ ତଥ୍ୟ ପରିବେଷଣ ଲାଗି ସେ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଜିଲାର ରାଜନଗର, ମହାକାଳପଡ଼ା, ଆଳି, ପଟ୍ଟାମୁଣ୍ଡାଇ ଓ ରାଜକନିକା ଆଦି ଅଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିଚାଲିଛି। ଏ ସମ୍ପର୍କରେ ରାଜନଗର ବ୍ଲକ ବାବର ଗ୍ରାମର ସାମାଜିକ କର୍ମୀ ପ୍ରଫୁଲ୍ଲ ଦାସ କୁହନ୍ତି, ଚିଙ୍ଗୁଡି ଘେରି ନିର୍ମାଣ ଓ ମାଛଧରା ବ୍ୟବସାୟ କରି ବହୁ ଅନୁପ୍ରବେଶକାରୀ ମାଲାମାଲ ହେଉଛନ୍ତି। ସେମାନେ ତଟବର୍ତ୍ତୀ ଅଞ୍ଚଳରେ ଥିବା ହେନ୍ତାଳବନରୁ ଜୀବଜନ୍ତୁ ଶିକାର କରୁଛନ୍ତି। ହେନ୍ତାଳବନ କାଟି ଟ୍ରଲର ମାଧ୍ୟମରେ କାଠ ଚୋରାଚାଲାଣ କରୁଛନ୍ତି। ଫଳରେ ଜିଲା ତଥା ଦେଶର ସୁରକ୍ଷା ପ୍ରତି ବିପଦ ଆଶଙ୍କା ରହିଛି। ଡାଙ୍ଗମାଳର ପ୍ରତ୍ୟୁଷ କୁମାର ନାୟକଙ୍କ କହିବାନୁସାରେ, ଜିଲାରେ ୩୦ ହଜାରରୁ ଊର୍ଦ୍ଧ୍ୱ ବାଂଲାଦେଶୀ ରହିଥିବା ନେଇ ୨୦୦୧ରେ ଲୋକ ସଭାରେ ଉପସ୍ଥାପିତ ହୋଇଥିଲା । ଏନେଇ ୨୦୦୫ରେ ମହାକାଳପଡାର ୧୫୫୧ ଜଣ, ରାଜନଗରର ୩୦ ଜଣ ଓ ପଟ୍ଟାମୁଣ୍ଡାଇର ୯୦ ଜଣ ବାଂଲାଦେଶୀଙ୍କୁ ଦେଶାନ୍ତର ନୋଟିସ ଦିଆଯାଇଥିଲା । ସେହିପରି ଚଳିତ ବର୍ଷ ଭୋଟ ପରିଚୟପତ୍ର ସଂଶୋଧନ ସମୟରେ ୧୩୪ ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଜିଲାରେ ୩୯ ହଜାରରୁ ଊର୍ଦ୍ଧ୍ୱ ବଙ୍ଗଳାଭାଷୀ ଭୋଟର ଥିବା ଜଣାପଡିଛି। ବାର୍‌ହାପୁର ଗ୍ରାମର ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ୧୯୭୨ ବନ୍ୟଜନ୍ତୁ ସଂରକ୍ଷଣ ଆଇନ ଏବଂ ଓଡ଼ିଶା ମେରାଇନ ଫିଶର ରେଗୁଲେସନ ଆକ୍ଟ ୧୯୮୨ ଅନୁଯାୟୀ, ଜାତୀୟଉଦ୍ୟାନ ଅନ୍ତର୍ଗତ ସାମୁଦ୍ରିକ ନିଷିଦ୍ଧାଞ୍ଚଳରେ ଯାନ୍ତ୍ରିକ ଡଙ୍ଗା ଅବା ଟ୍ରଲର ଚଳାଚଳ ବାରଣ କରାଯାଇଛି। ମାତ୍ର ଅନୁପ୍ରବେଶକାରୀମାନେ ଏହି ନିୟମ ମାନୁନାହାନ୍ତି। ସେମାନଙ୍କ ଉପରେ ପ୍ରଶାସନ ପକ୍ଷରୁ କେବଳ ନାମକୁମାତ୍ର କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଫଳରେ ସେମାନଙ୍କ ଉତ୍ପାତ ଦିନକୁ ଦିନ ବଢ଼ିଚାଲିଛି। ଏଥିସହ ସେ କହିଛନ୍ତି ଯେ, ଜିଲାରେ ଥିବା ୩ ସାମୁଦ୍ରିକ ଥାନାରେ ଭିତ୍ତିଭୂମି ସୁଦୃଢ଼ ନାହିଁ।

ଏ ସମ୍ପର୍କରେ ଏସ୍‌ପି ନୀତିଶେଖର କୁହନ୍ତି, ଯେଉଁମାନଙ୍କୁ ବାଂଲାଦେଶୀ କୁହାଯାଉଛି, ସେମାନେ ସମସ୍ତେ ଅନୁପ୍ରବେଶକାରୀ ନୁହନ୍ତି । ତଟାଞ୍ଚଳର ଅନୁପ୍ରବେଶ ରୋକିବା ପାଇଁ ୩ଟି ସାମୁଦ୍ରିକ ଥାନା ସହ ବନବିଭାଗ ଦିନରାତି କାର୍ଯ୍ୟ କରୁଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ଏଠାକାର ସାମୁଦ୍ରିକ ଥାନାଗୁଡିକରେ ଅତ୍ୟାଧୁନିକ ଉପକରଣ ଓ କର୍ମଚାରୀ ଯୋଗାଇ ଦେବାଲାଗି ପ୍ରସ୍ତୁତି ଚାଲିଛି।

### ଜୁଆ ଆଡ୍ଡାରେ ଚଢ଼ାଉ: ୩ ଗିରଫ, ୨୭ହଜାର ଟଙ୍କା ଜବତ



**ମାର୍ଶାଘାଇ, ୪।୩ (ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅଧୀନ ତିଖିରୀ ଯାତ୍ରା ପଡିଆଠାରେ ଯାତ୍ରା ଚାଲିଥିବା ବେଳେ ଜୁଆ ଖେଳ ଚାଲୁଥିବା ନେଇ ପୋଲିସ ପାଖରେ ଖବର ପହଞ୍ଚିଥିଲା। ରବିବାର ରାତି ପ୍ରାୟ ସାଢ଼େ ୧ଟା ବେଳେ ପୋଲିସ ସେଠାରେ ଚଢ଼ାଉ କରି ନଗଦ ୨୭,୩୨୦ ଟଙ୍କା, ୪ଟି ମୋବାଇଲ, ଜୁଆ ପାଲି ଓ ଗୋଟି ଜବତ କରିଛି। ଏଥିସହ ୩ଜଣଙ୍କୁ ସେହି ସ୍ଥାନରୁ ଗିରଫ କରାଯାଇଛି। ସେମାନେ ହେଲେ, ପାଟଲିପଙ୍କର କ୍ଷୀରେଶ୍ୱର ସେଠୀ (୩୮), ମାର୍ଶାଘାଇ ବନ୍ଧସାହିର ଅର୍ଜୁନ ରଥ(୪୦) ଓ ତାଳସଙ୍ଗା ଗ୍ରାମର ଅମର ବେହେରା(୨୦)। ଏ ନେଇ ଥାନାରେ ୪୦/୧୯ ନଂ.ରେ ଏକ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କାଳନ୍ଦୀ ବେହେରା କହିଛନ୍ତି।

### ବଜ୍ରପାତରେ ମହିଳା ମୃତ

**ରାଜନଗର, ୪।୩ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଅଧୀନ କେରୁଆପାଳ ପଞ୍ଚାୟତ ପ୍ରଭାତୀ ଗ୍ରାମର ଶିବୁରାମ ମାନ୍ନାଙ୍କ ସ୍ତ୍ରୀ ପୂର୍ଣ୍ଣିମା (୨୬)ଙ୍କର ସୋମବାର ବଜ୍ରପାତରେ ମୃତ୍ୟୁ ଘଟିଛି। ଏଥିସହ ତାଙ୍କର ଏକ ବାଛୁରୀର ମଧ ମୃତ୍ୟୁ ହୋଇଛି। ଅପରାହ୍ନ ପ୍ରାୟ ୪ଟା ବେଳେ ବର୍ଷା ପବନ ଆସିବା ସହ ବିଜୁଳି, ଘଡ଼ିଘଡ଼ି ମାରିଥିଲା। ଘର ନିକଟ ଏକ ବିଲରେ ବାଛୁରୀ ବନ୍ଧା ହୋଇଥିବାରୁ ପୂର୍ଣ୍ଣିମା ବାଛୁରୀ ଆଣିବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତ ଘଟି ପୂର୍ଣ୍ଣିମା ଓ ବାଛୁରୀର ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

### ଭାଗବତ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ

**ପଟ୍ଟାମୁଣ୍ଡାଇ, ୪।୩ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ କଷଣଅଣ୍ଟା ଜଗନ୍ନାଥ ମଣ୍ଡପଠାରେ ୭ ଦିନ ବ୍ୟାପୀ ଚାଲିଥିବା ଭାଗବତ ପାରାୟଣ ପ୍ରବଚନ ଜ୍ଞାନଯଜ୍ଞ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ଗତ ସୋମବାର କଳସ ଯାତ୍ରା ଆରମ୍ଭ ହୋଇଥିଲା। ବ୍ୟାସ ଭାବେ ଭାସ୍କର ପଣ୍ଡା ଦାୟିତ୍ୱ ସମ୍ପନ୍ନ କରିଥିବା ବେଳେ ପୂଜକ ଶ୍ରୀଧର ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ଜୟରାମ ସ୍ୱାଇଁ ଓ ତାଙ୍କ ପତ୍ନୀ ଉର୍ମିଳା ସ୍ୱାଇଁ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ପାଲା ଗାୟକ ଦତ୍ତକୃଷ୍ଣ ପଣ୍ଡା ଓ ଯାଜପୁର କୁଆଖିଆ ପ୍ରବଚକ ବୃନ୍ଦାବନ ପଣ୍ଡା ପ୍ରମୁଖ ଯୋଗଦେଇ ଭାଗବତ କଥାମୃତ ଓ ନାରାୟଣଙ୍କ ଆଧ୍ୟାତ୍ମିକ ଚେତନା ସମ୍ପର୍କରେ ଆଲୋଚନା କରିଥିଲେ। କଷଣଅଣ୍ଟା ଗ୍ରାମବାସୀଙ୍କ ଉଦ୍ୟମରେ ଚଳିତ ବର୍ଷ ଅଷ୍ଟାଦଶ ବାର୍ଷିକ ଭାଗବତ ପାରାୟଣ ପ୍ରବଚନ ସଭା ଆୟୋଜିତ ହୋଇଥିଲା।

### ବିଜୁ ସେତୁ ଶିଳାନ୍ୟାସ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ମାର୍ଶାଘାଇ, ୪।୩ (ଡି.ଏନ୍.ଏ.)**

ଜମ୍ବୁ-ମାର୍ଶାଘାଇ କେନାଲ ଉପରେ ବିଜୁ ସେତୁ ଓ ମାର୍ଶାଘାଇ ତହସିଲ ଅଫିସ ନୂତନ ଗୃହର ରବିବାର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ୧କୋଟି ୧୮ ଲକ୍ଷ ୨୧ ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ତହସିଲ ଗୃହ ଓ ୩ କୋଟି ୭୦ ଲକ୍ଷ ୧୭ ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ବିଜୁ ସେତୁର ଶିଳାନ୍ୟାସ କରିଥିଲେ। ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ସମ୍ମାନିତ ଅତିଥି ଓ ମାର୍ଶାଘାଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା, ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ, ସରପଞ୍ଚ ସରିତା ପ୍ରଧାନ, ବ୍ଲକ ବିଜେଡି ସଭାପତି ସଞ୍ଜୀୟ କୁମାର ଲେଙ୍କା, ବିଜେଡି ନେତା ପ୍ରଫୁଲ୍ଲ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓକିଲ ସଂଘ ସଭାପତି ଦେବଦାସ ମହାନ୍ତି, ଜିଲା ଯୁବ ବିଜେଡି ସଭାପତି ରାଜେଶ ପଣ୍ଡା, ଚନ୍ଦ୍ରମଣି ସାହୁ, ମଧୁସୂଦନ ବେଉରା, ଦଳିତ ନେତା ତ୍ରିଲୋଚନ ଯେନା, ଯୁବ ନେତା ସରୋଜକାନ୍ତ ନାୟକ, କରୁଣାକର ରାଉତ, ବିଷ୍ଣୁପ୍ରସାଦ ନାୟକ, ଜ୍ଞାନରଞ୍ଜନ ରାଉତ, ଦୟାନିଧି ଦାସ, ସିନୁଆ ଦାସ, ଅରକ୍ଷିତ ବାରିକ, ବିଶ୍ୱଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତହସିଲଦାର ନିରଞ୍ଜନ ସାହୁ, ସୁପରଭାଇଜର ସୁକାନ୍ତ ମଲିକ, ମାର୍ଶାଘାଇ ଆର୍ ଆଇ ଲକ୍ଷ୍ମଣ କୁମାର ନାଥଶର୍ମାଙ୍କ ସମେତ ଅନ୍ୟ କର୍ମଚାରୀମାନେ ଶିଳାନ୍ୟାସ ଉତ୍ସବରେ ସାମିଲ ହୋଇଥିଲେ।



ତହସିଲ ଅଫିସ୍ ଗୃହ ଶିଳାନ୍ୟାସ ଉତ୍ସବରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

### ନୈତିକ ଶିକ୍ଷା ସୃଜନଶୀଳ ସମାଜ ଗଠନରେ ସହାୟକ ହୁଏ




ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ରାଜନଗର, ୪।୩ (ଡି.ଏନ୍.ଏ.)**

ରାଜନଗର ବ୍ଲକ ସାନବଡ଼ ଗୋପାଳପୁରସ୍ଥିତ ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ଦିଲ୍ଲୀପ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଦିବ୍ୟ ଜୀବନ ସଙ୍ଘ, ଖଣ୍ଡଗିରି ଆଶ୍ରମ ସ୍ୱାମିଜୀ ଶ୍ରୀଶ୍ରୀ ଶିବ ଚିଦାନନ୍ଦ ଜୀ ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ନୈତିକ ଶିକ୍ଷା ଆଦର୍ଶ, ସୃଜନଶୀଳ ସମାଜ ଗଠନ କରିବାରେ ସହାୟକ ହୁଏ ବୋଲି ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ। ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଡା. କିରଣ ବାଳା ରଥ ଓ ପ୍ରାଧ୍ୟାପକ ଅତୁଳ ବଳ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଗୁରୁଜୀ ସର୍ବେଶ୍ୱର ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଶୁଭ୍ରଜ କୁମାର ବରାଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅସୀମ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

### ଅଗ୍ନି ବିପନ୍ନଙ୍କୁ ସହାୟତା

**ଡେରାବିଶ, ୪।୩ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ପନାପଡ଼ା ଗ୍ରାମର ଅଗ୍ନିବିପନ୍ନ ବିଧବା ରଞ୍ଜିତା ମଳିକଙ୍କୁ ସାମାଜିକ କର୍ମୀ ଅଜୟ କୁମାର ରାଉତ ସୋମବାର ଭେଟି ସହାୟତା ପ୍ରଦାନ କରିଛନ୍ତି। ସୂଚନାଥାଉ କି, ଗତ ୧ ତାରିଖ ପୂର୍ବାହ୍ନରେ ଚୁଲିରୁ ନିଆଁ ଧାସ ବାହାରି ରଞ୍ଜିତାଙ୍କ ବଖରାଏ ଘର ପୋଡି ଯାଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

### ରାତି ୯ଟାରେ ଉଠିଲା ମହାଦୀପ

**ରାଜକାନିକା,୪।୩ (ଡି.ଏନ୍.ଏ.)**

ଆଳିର ବାଙ୍ଗରା ପଞ୍ଚାୟତ ଅନ୍ତର୍ଗତ ମୁକ୍ତେଶ୍ୱର ମହାଦେବଙ୍କ ପୀଠରେ ଜାଗର ଉପଲକ୍ଷେ ସୋମବାର ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଜନଗହଳି ଲାଗିରହିଛି । ଏଠାରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି । ଭିଡକୁ ନିୟନ୍ତ୍ରଣ କରିବା ପାଇଁ ଜରୀ ପୋଲିସ ପ୍ରଶାସନ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି । ରାତି ୯ଟାବେଳେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି । ମୁକ୍ତେଶ୍ୱର ମହାଦେବ ପରିଚାଳନା କମିଟିର ସଦ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି । ଏହି ପୀଠରେ କଣ୍ଡିଆହାଟ ନିକଟସ୍ଥ ଜରୀ, ବାଙ୍ଗରା, ହଳଦିଡ଼ିହ, କୁସୁନିପୁର, ଗୁଣ୍ଡୁରିପଡା, କୁଆଁଳ, ହାଟସାହି, ଅବଦୁଲପୁର, ଚରପଡା, କଣ୍ଡିଆ, ଦେଉଳତରା ଆଦି ଅଞ୍ଚଳ ଭକ୍ତ ଭିଡ଼ ଲାଗି ରହିଛି। ସେହିପରି ରାଜକନିକା ବ୍ଲକର କାଟଣା କପିଳେଶ୍ୱର ମହାଦେବଙ୍କ ମନ୍ଦିରରେ ମହାଦେବଙ୍କ ଦର୍ଶନ ପାଇଁ ଜନଗହଳି ଲାଗିରହିଛି। ଏଠାରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଛି। ଏହି ବ୍ଲକ ଦୋମଣ୍ଡା ପଞ୍ଚାୟତର ମାନପୁର ଘାଟରୁ ବହୁ ଭକ୍ତ ଆରଡିକୁ ଯାଉଛନ୍ତି। ଏଠାରେ ରାଜକନିକା ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ରାଜକନିକାର ବିଭିନ୍ନ ଶୈବ ପୀଠରେ ଆନନ୍ଦ ଉଲ୍ଲାସର ସହ ଜାଗର ପାଳନ କରାଯାଇଛି।

### ବିଶ୍ୱଶାନ୍ତି ମହାଯଜ୍ଞ

**ମାର୍ଶାଘାଇ, ୪।୩ (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ ହଳଦିଆ ଗ୍ରାମସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ପୀଠର ୧୬ଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ସୋମବାର ଶେଷ ହୋଇଛି। ଗତ ୩ ଦିନ ଧରି ବାବାଜି ରାଧାରମଣ ଦାସଙ୍କ ପୌରୋହିତ୍ୟରେ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଚିତ୍ରୋତ୍ପଳା ନଦୀରୁ ୧୦୮ କଳସ ଶୋଭାଯାତ୍ରା ପରେ ବେଦପାଠ କରାଯାଇ ଯଜ୍ଞ ଆରମ୍ଭ କରାଯାଇଥିଲା। ଏହାପରେ ଘଟସ୍ଥାପନ, ସୂର୍ଯ୍ୟ ପୂଜା, ଗୋ-ପୂଜା, ଆହୂତୀ, ୨ୟ ଦିନରେ ଗୀତା ଯଜ୍ଞ ଓ ଅନ୍ତିମ ଦିବସରେ ଚଣ୍ଡୀ ପାଠ ସହ ଯଜ୍ଞ ପୂର୍ଣ୍ଣାହୂତି ଦିଆଯାଇଥିଲା। ହଳଦିଆ ଗ୍ରାମବାସୀଙ୍କ ସହଯୋଗରେ ଏହି ମହାଯଜ୍ଞର ଆୟୋଜନ କରାଯାଇଥିଲା।

### ଚନ୍ଦ୍ରମୌଳି ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼



ଚନ୍ଦ୍ରମୌଳି ପୀଠରେ ଶ୍ରଦ୍ଧାଳୁମାନେ ଜାଗର ଜାଳୁଛନ୍ତି।

**ପଟ୍ଟାମୁଣ୍ଡାଇ, ୪।୩ (ସ୍ୱ.ପ୍ର.)**

ପବିତ୍ର ଶିବରାତ୍ରି ଉପଲକ୍ଷେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଚନ୍ଦ୍ରମଉଳି ମନ୍ଦିରରେ ଜାଗର ଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ମନ୍ଦିରର ବଡ଼ ପଣ୍ଡା କୁଳମଣି ପଣ୍ଡା, ପ୍ରଦୀପ ପଣ୍ଡା, ନିତାଇ ପଣ୍ଡା ପ୍ରମୁଖ ପହଡ଼ ଖୋଲି ସକାଳ ଅବକାଶ, ଧୂପ ଓ ଭୋଗ ଲାଗି କରିଥିଲେ। ମଧ୍ୟାହ୍ନ ଧୂପ ପରେ ଚନ୍ଦ୍ରମଉଳିଙ୍କୁ ଏକ ରଥରେ ଉପବେଶନ କରାଯାଇ ବେଢା ପରିକ୍ରମା କରାଯାଇଥିଲା। ପ୍ରାୟ ୨୦ହଜାର ଶ୍ରଦ୍ଧାଳୁ ଏଥିରେ ଯୋଗଦେଇ ଚନ୍ଦ୍ରମଉଳିଙ୍କ ବେଢା ପରିକ୍ରମା କରିଥିଲେ। ସନ୍ଧ୍ୟାରୁ ହଜାର ହଜାର ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଜାଗର ଜାଳୁଥିବା ବେଳେ ଭୋର ୪ଟାରେ ଚନ୍ଦ୍ରମଉଳିଙ୍କ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ଟ୍ରଷ୍ଟି ପୂର୍ଣ୍ଣଚନ୍ଦ୍ର ସିଂହ କହିଛନ୍ତି। ସେହିପରି ପଟ୍ଟାମୁଣ୍ଡାଇ ପୋଖରିଆପଡା ହରପାର୍ବତୀ ମନ୍ଦିର, ମଣ୍ଡପଡାର ଭଜନେଶ୍ୱର, ବାଳିପଡାର ସିଦ୍ଧେଶ୍ୱର, ବାଲୁଙ୍କେଶ୍ୱର, ବାଳିପାଟଣାର ବାଲୁଙ୍କେଶ୍ୱର, ଗରାର ସ୍ୱପ୍ନେଶ୍ୱର ଓ ବାଟିପଡାର ଧବଳେଶ୍ୱର ଆଦି ଶୈବପୀଠରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

■ ଆଲୋକମାଳାରେ ଝଲସିଲା ଶୈବପୀଠ

## ଉଜାଗର ରହି ଜାଗର ଜାଳିଲେ ଶ୍ରଦ୍ଧାଳୁ

**ଆଳି, ୪।୩ (ଡି.ଏନ୍.ଏ.)**

ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଶୈବପୀଠ। ମହାପ୍ରଭୁଙ୍କ ଦର୍ଶନ ପାଇଁ ସକାଳ ପ୍ରହରରୁ ମନ୍ଦିରରେ ଭିଡ଼ ଜମାଇଛନ୍ତି ଶହ ଶହ ଶ୍ରଦ୍ଧାଳୁ। ଆଳି ବ୍ଲକର ବିଭିନ୍ନ ଶୈବପୀଠରେ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହେଉଥିବା ବେଳେ ମେଣ୍ଟପୁର ପଞ୍ଚାୟତ ତୁଳସୀ ଶାସନସ୍ଥିତ ପ୍ରସିଦ୍ଧ ସ୍ୱପ୍ନେଶ୍ୱର ପୀଠରେ ଜାଗର ଦୀପ ଜାଳିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ମହାଦେବଙ୍କ ପ୍ରାତଃପୂଜା, ଆଳତି ପରେ ରୀତିନୀତି ଅନୁସାରେ ନାମଯଜ୍ଞ ଆରମ୍ଭ ହୋଇଥିଲା। ଏହାପରେ ମଧ୍ୟାହ୍ନ ଧୂପ, ସାନ୍ଧ୍ୟ ଧୂପ ଓ ଆଳତି କରାଯାଇଥିଲା। ସନ୍ଧ୍ୟା ଆଳତି ଦେଖିବାକୁ ମନ୍ଦିର ପ୍ରାଙ୍ଗଣରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି କଟକ-ଚାନ୍ଦବାଲି ରାସ୍ତାର ବଅଡିହ ଗ୍ରାମସ୍ଥିତ ଇଶାଣେଶ୍ୱର ମନ୍ଦିରରେ ମଧ ଜାଗର ଜାଳିବାକୁ ଶହଶହ ଭକ୍ତଙ୍କ ଭିଡ ଜମିଥିଲା। ସେହିଭଳି ଦେମାଳ-ଲୋକପଡାର କପିଳେଶ୍ୱର ମହାଦେବ, ଗୋପୀନାଥପୁର ଶାସନର ମହାଦେବ, ଗୋପାଳରାୟପୁର ଶାସନର ମହାଦେବ, ନୂଆଗାଁସ୍ଥିତ କପିଳେଶ୍ୱର, ବେତାର ଧବଳେଶ୍ୱର, ଚୁନବନ୍ଧସ୍ଥିତ ମହାଦେବ ମନ୍ଦିର, ସାନଆଙ୍କୋ ଗ୍ରାମର ଧବଳେଶ୍ୱର ଆଦି ଶୈବପୀଠରେ ଜାଗର ଯାତ୍ରା ଅନୁଷ୍ଠିତ ହୋଇଯାଇଛି।।





ଆଳି ବ୍ଲକସ୍ଥିତ ସ୍ୱପ୍ନେଶ୍ୱର ମନ୍ଦିର ଓ ଡେରାବିଶ ବ୍ଲକସ୍ଥିତ ଆର୍ତ୍ତେଶ୍ୱର ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

**ମାର୍ଶାଘାଇ, (ଡି.ଏନ୍.ଏ.)**

ମାର୍ଶାଘାଇ ବ୍ଲକ କୁସୁନପୁରସ୍ଥିତ ଆଖଣ୍ଡଳମଣି ମନ୍ଦିରରେ ଜାଗର ଯାତ୍ରା ବହୁ ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇର ସର୍ବେଶ୍ୱର ମହାଦେବ, ଶିଳିପୁର ସଂଗ୍ରାମପୁରର ମଣିନାଗେଶ୍ୱର, କାନପୁର ମହାଦେବ, ଦର୍ଶିପୁରର ଉମାମହେଶ୍ୱର, ଉଅଁରମୁଣ୍ଡ ଗ୍ରାମର ବୃଷଭ ପୀଠ, ବଡପାଳର ଆଶୁତୋଷ ମହାଦେବ, ତାଳସଙ୍ଗା ସିଦ୍ଧେଶ୍ୱର, ଶାସନିପଡାର ତ୍ରିନାଥ ମନ୍ଦିର, ହଳଦିଆ ନୀଳକଣ୍ଠେଶ୍ୱର, ଭଗବାନପୁର, ପିକରାଳି, ନାରାୟଣପୁର, ମୂଷାଡିଆ, ପେଣ୍ଠ, କରିଲୋପାଟଣା, ଆଇତିପୁର, ଗରଜଙ୍ଗା, ଅନ୍ତେଇ, ବରିପଲ୍ଲା, ମଣିକୁଣ୍ଡା ସ୍ଥିତ ବିଭିନ୍ନ ଶୈବପୀଠରେ ବହୁ ଶ୍ରଦ୍ଧାଳୁ ଉଜାଗର ରହି ଜାଗର ଜାଳିଥିଲେ। ଏହି ଉପଲକ୍ଷେ ଶିବ ମନ୍ଦିରଗୁଡ଼ିକୁ ବିଭିନ୍ନ ରଙ୍ଗବେରଙ୍ଗର ଆଲୋକମାଳାରେ ସଜା ଯିବା ସହ ମନ୍ଦିର ପାଖରେ ଅସ୍ଥାୟୀ ଭୋଗ ଦୋକାନମାନ ବସିଥିଲା।

**ଡେରାବିଶ, (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତସ୍ଥିତ ଆର୍ତ୍ତେଶ୍ୱରଙ୍କ ପୀଠ ଜାଗର ପାଇଁ ଚଳଚଞ୍ଚଳ ହୋଇଥିଲା। ଶହ ଶହ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଜାଗର ଜାଳି ଶିବଙ୍କ ଆରାଧନା କରିଥିଲେ। ସେହିପରି ଗୋଲରାହାଟର ହରିଶଙ୍କର ମନ୍ଦିର, ନୀଳକଣ୍ଠପୁରର ଶୃଙ୍ଗାରେଶ୍ୱର, ବଳଭଦ୍ରପୁରର ବାଲୁଙ୍କେଶ୍ୱର, ପଲେଇର ମଲ୍ଲିକେଶ୍ୱର ମନ୍ଦିରରେ ଶିବରାତ୍ରି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଯଅଁରାବାରିମୂଳର ଖଲାରେଶ୍ୱର, ଦାନପୁରର ଶୁକ୍ଳେଶ୍ୱର ଆଦି ଶିବ ମନ୍ଦିରରେ ମହାଦେବଙ୍କ ଦର୍ଶନ ଲାଗି ଶହ ଶହ ଭକ୍ତଙ୍କ ଭିଡ଼ ଜମିଥିଲା। ବିଭିନ୍ନ ମନ୍ଦିର ପରିସରରେ ଭଜନ, କୀର୍ତ୍ତନ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା।

## ସଂକ୍ଷେପରେ

### କୁମ୍ଭୀର ଆକ୍ରମଣ: ଜଣେ ଆହତ



**ଗଣିଆ,୪।୩ (ଡି.ଏନ.ଏ.):** ଛାମୁଣ୍ଡିଆ ବନ୍ୟପ୍ରାଣୀ ବନାଞ୍ଚଳର ଛାମୁଣ୍ଡିଆ ଗ୍ରାମ ନିକଟ ଏକ ଗାଡିଆରେ ସୋମବାର କୁମ୍ଭୀର ଆକ୍ରମଣରେ ଜଣେ ବ୍ୟକ୍ତି ଆହତ ହୋଇଛନ୍ତି। ସେ ହେଲେ ଛାମୁଣ୍ଡିଆ ମଧୁପୁର ଗ୍ରାମର ଗୋକୁଳ ମାଝି (୫୭)। ଗୋକୁଳଙ୍କ ବାମ ହାତ କ୍ଷତବିକ୍ଷତ ହୋଇଥିବା ଜଣାପଡିଛି। ବନାଞ୍ଚଳ ଅଧିକାରୀ ବେଣୁଧର ବେହେରାଙ୍କ ନିର୍ଦ୍ଦେଶକ୍ରମେ ବନ କର୍ମଚାରୀମାନେ ତାଙ୍କୁ ଚିକିତ୍ସା ପାଇଁ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଜଣାପଡିଛି। ବିଭାଗୀୟ ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଗୋକୁଳ ଗ୍ରାମ ନିକଟ ଗାଡିଆକୁ ଶୌଚ ପାଇଁ ଯାଇଥିଲେ। ଶୌଚ ହେବା ସମୟରେ ହଠାତ୍ କୁମ୍ଭୀରଟି ତାଙ୍କର ବାମ ହାତକୁ କାମୁଡି ଧରିଥିଲା। ତେବେ ଉପସ୍ଥିତି ବୁଦ୍ଧି ପ୍ରୟୋଗ କରି ଗୋକୁଳ କୁମ୍ଭୀର କବଳରୁ ଖସିଆସିଥିଲେ। ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି। କୁମ୍ଭୀରଟିକୁ ବନ୍ୟପ୍ରାଣୀ ବିଭାଗ ଗାଡିଆରୁ ଉଦ୍ଧାର କରି ମହାନଦୀର ସାତକୋଶିଆ ଗଣ୍ଡରେ ଛାଡିବାକୁ ସାଧାରଣରେ ଦାବି ହେଉଛି।

### ଆଖଣ୍ଡଳମଣି ବଣିକ ସଂଘର ଜାଗର ମେଳା

**କୁଜଙ୍ଗ,୪।୩(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପଙ୍କପାଳ ହାଟ ବଜାରର ଆଖଣ୍ଡଳ ମଣି ବଣିକ ସଂଘର ବାର୍ଷିକ ଉତ୍ସବ ସହ ଚତୁର୍ଥପ୍ରହର ନାମ ସଙ୍କୀର୍ତ୍ତନ, ହରିହାଟ ଓ ଜାଗର ମେଳା ଅନୁଷ୍ଠିତ ହୋଇଛି। ବଣିକ ସଂଘ ସଭାପତି ଫକୀର ଦାସଙ୍କ ପୌରୋହିତ୍ୟରେ ଏହି ଦୁଇ ଦିବସୀୟ ବାର୍ଷିକ ଉତ୍ସବ ପାଇଁ ବ୍ୟାପକ କାର୍ଯ୍ୟକ୍ରମ କରାଯାଇଥିଲା। ନାମ ସଂକୀର୍ତ୍ତନର କର୍ତ୍ତା ରୂପେ ଶିବ ଚରଣ ପାତ୍ର ଦାୟିତ୍ୱ ତୁଲାଇଥିବାବେଳେ ଜାଗର ସନ୍ଧ୍ୟାରେ ୧୦ ସଂକୀର୍ତ୍ତନ ଦଳ ଭାଗ ନେଇଥିଲେ। ବ୍ୟବସାୟୀ ଗୋକୁଳାନନ୍ଦ ରାଉତ, ପଙ୍କପାଳ ସମବାୟ ସମିତି ସଭାପତି ନିକୁଞ୍ଜ ଚୌଧୁରୀ, ସୁରେନ୍ଦ୍ର ବାରିକ, ଶ୍ରୀକୃଷ୍ଣ ମହାପାତ୍ର, ଦେବେନ୍ଦ୍ର ଦାସ, ଦିଲୀପ ବେହେରା, ପ୍ରଦୀପ୍ତ ମହାପାତ୍ର, କୃଷ୍ଣ ପ୍ରସନ୍ନ ଦାସ, ନବୀନ ସାହୁ, ସଚ୍ଚିତ୍ର ଦାସ, ତାପସ ଦାଶ, ମନୋଜ ଦାଶ, ଦେବେନ୍ଦ୍ର ପାତ୍ର, ବିପିନ ସାହୁ, କିଶୋର ପରିଡା, ପ୍ରଭାତ ମହାନ୍ତି, ସରୋଜ ସାହୁ, ମାନସ ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର

**କୁଜଙ୍ଗ,୪।୩(ସ୍ୱ.ପ୍ର.):** କଟକ-ପାରାଦୀପ ରାସ୍ତାର ଷଣ୍ଡପୁର ପେଟ୍ରୋଲ ପମ୍ପ ନିକଟରେ ସୋମବାର ଦୁର୍ଘଟଣାରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ଚଟୁଆ ଅଞ୍ଚଳର ରଶ୍ମିରଞ୍ଜନ ସାହୁ(୪୨)। ସେ ବାଇକ୍ ଯୋଗେ କୁଜଙ୍ଗ ଫେରୁଥିବା ବେଳେ ତାଙ୍କୁ ୨ ଜଣ ବାଇକ୍ ଆରୋହୀ ସମ୍ମୁଖରୁ ଧକ୍କା ଦେଇଥିଲେ। ରଶ୍ମିଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ଅନ୍ୟ ୨ ଯୁବକଙ୍କୁ କୁଜଙ୍ଗ ପୋଲିସ ଅଟକ ରଖି ପଚାରଉଚରା କରୁଛି।

### ଡାଳ ପଡ଼ି ଦୋକାନ ଭାଙ୍ଗିଲା

**ବାଙ୍କୀ,୪।୩(ସ୍ୱ.ପ୍ର.):** ସୋମବାର ଅପରାହ୍ନରେ ବାଙ୍କୀ-କଟକ ମୁଖ୍ୟ ରାସ୍ତାର କେନ୍ଦ୍ର ସମବାୟ ବ୍ୟାଙ୍କ ସାମ୍ନାରେ ଥିବା ଏକ ବଡ଼ ଗଛର ଡାଳ ଭାଙ୍ଗି ପଡ଼ିଥିଲା। ଯଦ୍ୱାରା ସେଠାରେ ଥିବା ଏକ ଦୋକାନ ସମ୍ପୂର୍ଣ୍ଣ ଭାଙ୍ଗିବା ସହ ଗଛ ଡ଼ାଳ ମୁଖ୍ୟ ରାସ୍ତା ଉପରେ ପଡ଼ିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଦୋକାନୀ ମାଲିକ ଘରକୁ ଯାଇଥିବାରୁ ସେ ଏହି ଦୁର୍ଘଟଣରୁ ବର୍ତ୍ତି ଯାଇଥିଲେ। ଡାଳ ପଡ଼ିବା ସମୟରେ କଟକରୁ ବାଙ୍କୀକୁ ଆସୁଥିବା ଏକ ଯାତ୍ରୀବାହୀ ବସ ବ୍ରେକ୍ ମାରି ହଠାତ୍ ଅଟକି ଯାଇଥିଲା। ଫଳରେ ଯାତ୍ରୀମାନେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।

## ହ୍ୱାଟ୍ସଆପରେ ଚାଲିଛି ସର୍ବଶିକ୍ଷା ଯୋଜନା

# ବିଦ୍ୟାଳୟ ରେକର୍ଡରେ ରହୁନି ଗୁରୁତ୍ୱପୂର୍ଣ୍ଣ ଚିଠି

**ନାଉଗାଁ ବ୍ଲକ**

- ଗସ୍ତ ଓ କଣ୍ଟିଜେନ୍ସି ବାବଦରେ ଅର୍ଥ ନେଉଛନ୍ତି ସିଆରସିସି
- ଗସ୍ତ କରୁନାହାନ୍ତି କି ବିଦ୍ୟାଳୟ ଅବସ୍ଥା ଦେଖୁନାହାନ୍ତି

**ନାଉଗାଁ,୪।୩(ସ୍ୱ.ପ୍ର.)**

ସରକାର ଶିକ୍ଷା ଓ ଶିକ୍ଷାନୁଷ୍ଠାନର ବିକାଶ ତଥା ଛାତ୍ରୀଛାତ୍ରଙ୍କ ଉନ୍ନତି ନିମନ୍ତେ ବ୍ୟାପକ ଯୋଜନା କରୁଥିବା କହୁଛନ୍ତି। ମାତ୍ର ଏହି ଯୋଜନା କିପରି ଚାଲିଛି ତାହାର ତଦାରଖ କରିବାକୁ କେହି ନାହିଁ। ଫଳରେ ଦିନକୁ ଦିନ ସରକାରୀ ବିଦ୍ୟାଳୟଗୁଡିକରେ ଶିକ୍ଷାର ମାନ ହ୍ରାସ ପାଇବାରେ ଲାଗିଛି। ପରିସ୍ଥିତି ଏପରି ହୋଇଛି ଯେ ନାଉଗାଁ ବ୍ଲକରେ ସର୍ବଶିକ୍ଷା ଯୋଜନା କେବଳ ହ୍ୱାଟ୍ସଆପରେ ଚାଲିଛି। ଦୀର୍ଘଦିନ ହେଲା ଏଠାରେ ସ୍ଥାୟୀ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ତେଣୁ ସର୍ବଶିକ୍ଷା ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ବ୍ଲକରେ ମୋଟ ୧୧୨ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ରହିଛି। ବିଦ୍ୟାଳୟଗୁଡିକୁ ତଦାରଖ କରିବା ପାଇଁ ୯ଟି କ୍ଲଷ୍ଟରରେ ବିଭକ୍ତ କରାଯାଇଛି ଓ ପ୍ରତି କ୍ଲଷ୍ଟରରେ ୧୦ରୁ ୧୨ଟି ବିଦ୍ୟାଳୟ ରହିଛି। କ୍ଲଷ୍ଟରଗୁଡିକ ହେଲା ଅଲଣାହାଟ, ଗୋପାଳଜୀଉ, ଘୋଡ଼େଶ୍ୱର, ଏମ.କେ.ସି, ରୋହିଆ, ପଞ୍ଚାୟତ ବାଣୀପୀଠ, ଅଙ୍ଗେଶ୍ୱରପଡା, ଗଙ୍ଗଦାହାଟ ଓ କୋରୁଆ। ଏହି କ୍ଲଷ୍ଟରଗୁଡିକରେ ୯ଜଣ ସିଆରସିସିଙ୍କୁ ନିଯୁକ୍ତ କରାଯାଇଛି। ସେମାନେ କ୍ଲଷ୍ଟରର ବିଦ୍ୟାଳୟଗୁଡିକ ପରିଦର୍ଶନ କରିବା ସହ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ବିଭିନ୍ନ ସମୟରେ ଆସୁଥିବା ଚିଠି ବିଦ୍ୟାଳୟରେ ପହଞ୍ଚାଇବେ। ଏଥିପାଇଁ ପ୍ରତି ସିଆରସିସିଙ୍କୁ ବାର୍ଷିକ ଗସ୍ତ ଖର୍ଚ୍ଚ ୧୨ ହଜାର ଟଙ୍କା ଓ କଣ୍ଟିଜେନ୍ସ ବାବଦ ୧୦ ହଜାର ଟଙ୍କା ମିଳୁଛି। ପ୍ରତି ମାସରେ ପ୍ରାୟ ୫ ରୁ ୬ଟି ଚିଠି ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବାବେଳେ ସ୍କୁଲ ଡେଭଲପ୍‌ମେଣ୍ଟ ପ୍ଲାନ, ସ୍କୁଲ ସେଫ୍ଟି ପ୍ଲାନ ଆଦି ରହିଛି। ଏହି ଚିଠିଗୁଡିକ ସିଆରସିସିମାନେ ଜେରକ୍ସ କରି ବିଦ୍ୟାଳୟରେ ପ୍ରଦାନ କରିବେ। କିନ୍ତୁ ଅଧିକାଂଶ ସିଆରସିସି ବିଦ୍ୟାଳୟକୁ ନ ଯାଇ ହ୍ୱାଟ୍ସଆପ ମାଧ୍ୟମରେ ଚିଠି ପଠାଉଛନ୍ତି। ଫଳରେ ସେମାନଙ୍କ ଗସ୍ତ ଖର୍ଚ୍ଚ ଓ କଣ୍ଟିଜେନ୍ସି ଅର୍ଥରେ ହାତ ବାଜୁନାହିଁ। କେବଳ କାଗଜପତ୍ରରେ ଏହି ଅର୍ଥ ଖର୍ଚ୍ଚ ହେଉଥିବା ଜଣାଯାଇଛି। ସେହିପରି ଶିକ୍ଷକମାନେ ଉକ୍ତ ଚିଠି ଜେରକ୍ସ କରି ରଖୁ ନ ଥିବାରୁ ବିଦ୍ୟାଳୟ ରେକର୍ଡରେ କୌଣସି ଚିଠି ରହୁନାହିଁ। ଅନ୍ୟପକ୍ଷରେ ସିଆରସିସିମାନେ ବିଦ୍ୟାଳୟ ପରିଦର୍ଶନରେ ଯାଉ ନ ଥିବାରୁ ବିଦ୍ୟାଳୟଗୁଡିକର ବାସ୍ତବ ସ୍ଥିତି ଅନୁଧ୍ୟାନ କରାଯାଉନାହିଁ। ଏଭଳି କାରବାର ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସବୁଜାଣି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ଏପରିକି ବିଦ୍ୟାଳୟଗୁଡିକରେ ସ୍କୁଲ ଡେଭ୍‌ଲପ୍‌ମେଣ୍ଟ ପ୍ଲାନ କିମ୍ବା ସ୍କୁଲ ସେଫ୍ଟି ପ୍ଲାନର କୌଣସି ଚିଠି ମିଳୁନାହିଁ। ଉକ୍ତ ଚିଠିଗୁଡିକ ଯେହେତୁ ୨୫ରୁ ୩୦ ପୃଷ୍ଠା ବିଶିଷ୍ଟ ତେଣୁ ଶିକ୍ଷକମାନେ ହାତରୁ ଅର୍ଥ ଖର୍ଚ୍ଚ କରି ପ୍ରିଣ୍ଟି କରୁ ନାହାନ୍ତି। ତେଣୁ କେବଳ ହ୍ୱାଟ୍ସଆପ୍‌ରେ ଏହି ବ୍ଲକରେ ଚାଲିଛି ସର୍ବଶିକ୍ଷା ଯୋଜନା। ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବାଇଧର ତ୍ରିପାଠୀ କହିଛନ୍ତି ଯେ, ଏ ବିଷୟରେ କୌଣସି ଶିକ୍ଷକ କେବେ ଅଭିଯୋଗ କରିନାହାନ୍ତି। ଯଦି କେହି ଅଭିଯୋଗ କରନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



କ୍ୟାନ୍‌ସର ପୀଡିତ ମୁନାଙ୍କୁ ସହାୟତା ପ୍ରଦାନ କରାଯାଉଛି।

## କ୍ୟାନ୍‌ସର ସହ ଲଢୁଛନ୍ତି ହାସ୍ୟ ଅଭିନେତା ମୁନା

# ସହାୟତାର ହାତ ବଢାଇଲା ତାରିଣୀ ହେଲ୍‌ପ ଗ୍ରୁପ୍

**କୁଜଙ୍ଗ,୪।୩(ସ୍ୱ.ପ୍ର.)**

କୁଜଙ୍ଗ ଅଞ୍ଚଳର ଲୋକପ୍ରିୟ ହାସ୍ୟ ଅଭିନେତା ମନୋଜ ପ୍ରସାଦ ଓରଫ ମୁନା କ୍ୟାନ୍‌ସର ରୋଗରେ ପୀଡିତ ହୋଇଛନ୍ତି। ଗତ ୬ମାସ ତଳେ ଗଳାରେ ଏକ ଫୁଲା ହେବାରୁ ମୁନା ଚିକିତ୍ସା ପାଇଁ ଯାଇଥିଲେ। ସେଠାରେ ତାଙ୍କୁ କ୍ୟାନ୍‌ସର ହୋଇଥିବା ଡାକ୍ତର କହିଥିଲେ। ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଓ ମଞ୍ଚ କାଳାକାର ରୂପେ ବୃତ୍ତି ନିର୍ବାହ କରିଆସୁଥିବା ମୁନା ସେହିଦିନଠାରୁ କ୍ୟାନସର ସହ ଲଢେଇ କରୁଛନ୍ତି। ଜୀବନ ସଂଗ୍ରାମରେ ଜୁଝି ହେଉଥିବା ମୁନାଙ୍କୁ ପବିତ୍ର ଜାଗର ଉତ୍ସବରେ କୁଜଙ୍ଗ ବ୍ଲକର କିଛି ଉଦ୍ୟମୀ ଯୁବକ ସହାୟତାର ହାତ ବଢାଇଛନ୍ତି। ମା’ ତାରିଣୀ ହେଲ୍‌ପ ଗ୍ରୁପ୍‌ର ସଂଯୋଜକ ଜ୍ୟୋତିର୍ମୟୀ ଲେଙ୍କାଙ୍କ ସହଯୋଗରେ କୁଜଙ୍ଗ ଓକିଲ ସଂଘ ସଭାପତି ଏ.ଏନ.ଡି. ଯାଦବ ଗ୍ରୁପ ପକ୍ଷରୁ ମୁନାଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ପ୍ରଦାନ କରିଛନ୍ତି। ବାଗୋଇ ନିବାସୀ ସୂର୍ଯ୍ୟକାନ୍ତ ରାଉତ, ବିଘ୍ନେଶ ତରାଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଗ୍ରୁପ୍ ପକ୍ଷରୁ ଠାକୁରଙ୍କ ପାଖରେ ମୁନାଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଏହାକୁ ଓକିଲ ସଂଘ ସଭାପତି ଯାଦବ ଓ କୁଜଙ୍ଗ ପ୍ରେସ୍ କ୍ଲବ୍ ସମ୍ପାଦକ ଦୁଷ୍ମନ୍ତ ମାଝି ପ୍ରମୁଖ ପ୍ରଶଂସା କରିଛନ୍ତି।



ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁମାନେ ଦୀପ ଜାଳି ମହାଦୀପ ଦର୍ଶନ ନିମନ୍ତେ ଅପେକ୍ଷା କରିଛନ୍ତି।

# ଜାଗର ଉପଲକ୍ଷେ ଚଳଚଞ୍ଚଳ ଗୋରେଖନାଥ ପୀଠ

**ରଘୁନାଥପୁର,୪।୩ (ଡି.ଏନ୍.ଏ)**

ରଘୁନାଥପୁର ବ୍ଲକ କେରେକେରା ସ୍ଥିତ ପ୍ରସିଦ୍ଧ ବିଭୂତି କ୍ଷେତ୍ର ପ୍ରଭୁ ଗୋରଖନାଥ ପୀଠ ପବିତ୍ର ଶିବରାତ୍ରି ଉପଲକ୍ଷେ ଚଳଚଞ୍ଚଳ ହୋଇ ଉଠିଥିଲା। ବଡିଭୋରରୁ ମଙ୍ଗଳ ଆରତି ସରିବା ପରେ ମାନସିକଧାରୀ ଭକ୍ତଙ୍କ ଆଗମନ ହୋଇଥିଲା। ଧୀରେ ଧୀରେ ଏହା କ୍ରମଶଃ ବୃଦ୍ଧି ପାଇବା ଲକ୍ଷ କରାଯାଇଥିଲା। ଦିନ ତମାମ ପୀଠ ପରିସରରେ ଭଜନ କୀର୍ତ୍ତନ ଲାଗି ରହିଥିବା ବେଳେ,ଆଗନ୍ତୁକ ଯାତ୍ରୀମାନେ ଏଥିରୁ ଭରପୂର ମଜା ନେଇଥିଲେ। ସନ୍ଧ୍ୟାରେ ପୀଠ ମଧ୍ୟକୁ ଗହଳି ଲାଗିଥିଲା। ପ୍ରଭୁଙ୍କ ସମ୍ମୁଖରେ ଦିପବାଲି ମାନସିକ ଧାରୀମାନେ ଶିବ ପଞ୍ଚାକ୍ଷର ଜପ କରୁଥିବାର ଦୃଶ୍ୟ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଓଁ ନମଃ ଶିବାୟ ଉଚ୍ଚାରଣରେ ପରିସର ପ୍ରକମ୍ପିତ ହୋଇଉଠିଥିଲା। ପୀଠର ନୈଷ୍ଟିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜାନୀତି ଅନୁଷ୍ଠିତ ହେବା ସମୟରେ ସମ୍ମୁଖ ଭାଗ ଦୀପର ଆଲୋକରେ ଆଲୋକିତ ହୋଇଉଠିଥିଲା। ଭିଡକୁ ଦୃଷ୍ଟିରେ ରଖି ଟ୍ରଷ୍ଟବୋର୍ଡ ପକ୍ଷରୁ ସମସ୍ତ ବ୍ୟବସ୍ଥା ଯୋଗାଇ ଦିଆଯାଇଥିଲା। ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୁରେନ୍ଦ୍ର ନାଥ ସ୍ୱାଇଁ, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ପ୍ରଦୀପ ମହାନ୍ତି, କ୍ଷୀରୋଦ ମହାନ୍ତି ଓ ବାଦଲ ଯୋଗାଣିଆ ପ୍ରମୁଖ ଉପସ୍ଥିତ ଥିଲେ। ରାତି ୧୧ଟାରେ ମହାଦୀପ ଉଠିଥିଲା।

## ବୀରକିଶୋର ଥିଲେ ଅଭିନୟର ବାଦଶାହା

**ତିର୍ତ୍ତୋଲ,୪।୩(ଡି.ଏନ.ଏ.)**

ବିଶିଷ୍ଟ ମଞ୍ଚ ଅଭିନେତା ବୀର କିଶୋର ଚୌଧୁରୀ ଅଭିନୟର ବାଦ୍‌ଶାହା ଥିଲେ ବୋଲି ସୋମବାର ତାଙ୍କ ସ୍ମୃତିଚାରଣ ସଭାରେ ମତପ୍ରକାଶ ପାଇଛି। ତିର୍ତ୍ତୋଲ ବ୍ଲକ ଚଣ୍ଡିଲୋ ଗ୍ରାମରେ କୁମାର ଉତ୍ସବ ସମିତି ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ଦିଲୀ ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ସଭାପତିତ୍ୱ କରିଥିଲେ। ମଞ୍ଚ ଏବଂ ଦୂରଦର୍ଶନର ଜଣେ ପ୍ରତିଷ୍ଠିତ କଳାକାର ଭାବେ ବୀର କିଶୋର ବେଶ୍ ପରିଚିତ ଥିଲେ ବୋଲି ଏଥିରେ ଉପସ୍ଥିତ ବକ୍ତାମାନେ କହିଥିଲେ।

ରାଜ୍ୟ ସରକାରଙ୍କ ଅଣ୍ଡର ସେକ୍ରେଟାରୀ ବିଷ୍ଣୁ ଚରଣ କାନୁନଗୋ, ଲକ୍ଷ୍ମୀପ୍ରିୟା ଦାସ, ସରୋଜକାନ୍ତ ମହାନ୍ତି, ଜ୍ଞାନରଞ୍ଜନ ଦାସ, ରବୀନ୍ଦ୍ର ମହାନ୍ତି, କୁମାର ଉତ୍ସବ ସମିତି ଉପଦେଷ୍ଟା ଶ୍ରୀଶ୍ରୀ ବିଜୟା ମହାନ୍ତି, ପ୍ରଯୋଜକ ପ୍ରଶାନ୍ତ ମହାନ୍ତି, ସମ୍ପାଦକ ସୁବାସ ମହାପାତ୍ର, ଯୁଗ୍ମ ସମ୍ପାଦକ ଶୁଖେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିଲୋଚନ ଚୌଧୁରୀ, ବୈଲୋଚନ ଚୌଧୁରୀ, ପଦ୍ମଲୋଚନ ଚୌଧୁରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହିଳାଙ୍କ ଦ୍ୱାରା ପୋଖରୀ ପୁନରୁଦ୍ଧାର

**କୁଜଙ୍ଗ,୪।୩(ସ୍ୱ.ପ୍ର.)**

ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଥିବାବେଳେ କେତେକ କ୍ଷେତ୍ରରେ ଏହା ବାସ୍ତବ ରୂପ ନେଇପାରୁନାହିଁ। ମାତ୍ର କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁରରେ ଜଣେ ନିର୍ବାଚିତ ମହିଳା ସରପଞ୍ଚ ନିଜର ଦୃଢ ଇଚ୍ଛାଶକ୍ତି ଯୋଗୁ ଆଜି ମହିଳାମାନଙ୍କୁ ସଶକ୍ତୀକରଣ କରିପାରିଛନ୍ତି। ଏଥିପାଇଁ ତାଙ୍କୁ ମହିଳାମାନେ ବିପୁଳ ସମର୍ଥନ ମଧ୍ୟ କରିଛନ୍ତି। ସେ ହେଲେ ମଙ୍ଗରାଜପୁର ସରପଞ୍ଚ ପୂର୍ଣ୍ଣିମା ତ୍ରିପାଠୀ। ମହିଳାମାନଙ୍କୁ ଏକତ୍ରିତ କରି ଏବେ ସେ ପଞ୍ଚାୟତରେ ଅନେକ କାର୍ଯ୍ୟ କରୁଛନ୍ତି। ଆଗାମୀ ଦିନରେ ଏହାର ସୁଫଳ ପଞ୍ଚାୟତବାସୀ ପାଇବେ ବୋଲି ସେ କହିଛନ୍ତି। ଏହି ମର୍ମରେ ସୋମବାର ବାରିକ ସାହି ପାଖରେ ଥିବା ଏକ ପୋଖରୀକୁ ତାଙ୍କ ନେତୃତ୍ୱରେ ମହିଳାମାନେ ସଫେଇ କରିଛନ୍ତି। ପଞ୍ଚାୟତର ମା’ ସନ୍ତୋଷୀ, ମା’ଶାରଳା, ସାଇଗୀତା, ମା’ ମଙ୍ଗଳା, ଗୋଜବାୟାଣୀ, ବୃନ୍ଦାବତୀ ଓ ବଜରଙ୍ଗ ବାଲି ଆଦି ବହୁ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଏଥିରେ ସାମିଲ ହୋଇଥିଲେ। ନାରୀନେତ୍ରୀ ମୀନାକ୍ଷୀ ସ୍ୱାଇଁ, ସୌଦାମିନୀ ସ୍ୱାଇଁ, ଅହଲ୍ୟା ଦାସ, ଗୀତା ସ୍ୱାଇଁ, ମାତା ବାରିକ, ସବିତା ବାରିକ, ଶାନ୍ତି ବାରକି, ବନ୍ଦେଇ ବାରିକ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ପଞ୍ଚାୟତରେ ଚାନ୍ଦନୀ ତିଆରି କାମ, ଡ୍ରେନ୍ କାମ ଓ ୫ଟି ଗଡିଆ ମାଛଚାଷ ଆଦି କାର୍ଯ୍ୟ ମହିଳାମାନେ ସଫଳତାର ସହ ସମ୍ପାଦାନ କରିଛନ୍ତି। ପୁରୁଷମାନଙ୍କ ଅପେକ୍ଷା ମହିଳାମାନେ ଉଚ୍ଚମାନର ଓ ଦକ୍ଷତାର ସହ କାର୍ଯ୍ୟ କରିଥିବା ସରପଞ୍ଚ ତ୍ରିପାଠୀ କହିଛନ୍ତି। ଏଥିରେ ତାଙ୍କ ସ୍ୱାମୀ ତଥା ବାୟୁସେନାର ସେବା ନିବୃତ୍ତ ଅଧିକାରୀ ବିପିନ କୁମାର ତ୍ରିପାଠୀ ସହଯୋଗ କରୁଛନ୍ତି। ପଙ୍କପାଳରେ ମଧ୍ୟ ମହିଳାମାନଙ୍କ ଦ୍ୱାରା ସରପଞ୍ଚ ମିନାକ୍ଷୀ ଦାସ ବହୁ କାର୍ଯ୍ୟ କରୁଛନ୍ତି।

## ଓଷକଣା-ପାଣିତିରା କ୍ରିକେଟ ଟୁର୍ନାମେଣ୍ଟ

# ଫାଇନାଲରେ ଗଣ୍ଡକୁଳ ଓ ନୂଆଗାଁ

**ବାଲିକୁଦା,୪।୩(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ଓଷକଣାସ୍ଥିତ ମକର ପଡିଆଠାରେ ଆୟୋଜିତ ଚତୁର୍ଥ ବାର୍ଷିକ ଓଷକଣା-ପାଣିତିରା କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲ ମ୍ୟାଚ୍ ସୋମବାର ଶେଷ ହୋଇଛି। ଶେଷରେ ଗଣ୍ଡକୁଳ କ୍ରିକେଟ ଟିମ୍ ଓ ନୂଆଗାଁ କ୍ରିକେଟ ଟିମ୍ ଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଗଣ୍ଡକୁଳ କ୍ରକେଟ ଟିମ ଓଳାଷ କ୍ରିକେଟ ଟିମକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ପୋଦରୁଆଁ କ୍ରିକେଟ ଟିମକୁ ହରାଇ ନୂଆଗାଁ କ୍ରିକେଟ ଟିମ ଫାଇନାଲରେ ପ୍ରବେଶ କରିଛି। ମଙ୍ଗଳବାର ଏହି ପଡିଆରେ ଗଣ୍ଡକୁଳ ଓ ନୂଆଗାଁ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ମ୍ୟାନେଜର ମନୋଜ ସ୍ୱାଇଁ ସୂଚନା ଦେଇଛନ୍ତି। ଅମ୍ପାୟାର ଭାବେ ପ୍ରସନ୍ନ ବିଶ୍ୱାଳ, ମିଟୁ ବିଶ୍ୱାଳ, ସନ୍ତୋଷ ମହାନ୍ତି, ପିଲୁ ସ୍ୱାଇଁ ଖେଳ ପରିଚାଳନା କରିଥିଲେ। ନିରଞ୍ଜନ ବିଶ୍ୱାଳ ଓ ଜାପ୍‌ନା ମୁଦୁଲି ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ଅଶୋକ ସେଠୀ, ଦିଲୀପ ରାଉତ, ଅରୁଣ ବିଶ୍ୱାଳ, ତରୁଣ ମହାନ୍ତି, ଅଭୟ ସ୍ୱାଇଁ, ରାଜକିଶୋର ପରିଡା, କାଜଲ କିଶୋର ମହାନ୍ତି, ଅନ୍ତର୍ଯ୍ୟାମୀ ରାଉତ, ଗଗନ ସ୍ୱାଇଁ, ଦିଲୀପ ଜେନା, କାନନ ସ୍ୱାଇ ଓ ଆଦିତ୍ୟ ସ୍ୱାଇଁ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଭାଜପା, ବିଜେଡି କର୍ମୀଙ୍କ କଂଗ୍ରେସରେ ଯୋଗଦାନ

**ବାଙ୍କୀ,୪।୩(ସ୍ୱ.ପ୍ର.)**

ବାଙ୍କୀ ବ୍ଲକ ଅଧୀନ କଦଳୀବାଡ଼ି ଗ୍ରାମର ଶତାଧିକ ଭାଜପା ଓ ବିଜେଡି କର୍ମୀ ଦଳ ପରିତ୍ୟାଗ କରି ରବିବାର କଂଗ୍ରେସରେ ଯୋଗଦାନ କରିଛନ୍ତି। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଆସ୍ଥା ପ୍ରକଟ ଓ ବାଙ୍କୀର ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକଙ୍କ ଉପରେ ବିଶ୍ୱାସ ରଖି ସେମାନେ କଂଗ୍ରେସରେ ସାମିଲ ହୋଇଥିବା କହିଛନ୍ତି। କଦଳୀବାଡ଼ି ପଞ୍ଚାୟତର ଫକୀର ମୋହନ ସେଠୀ ଓ ତପନ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଶତାଧିକ କର୍ମୀ ଭୁବନେଶ୍ୱରସ୍ଥିତ ବାସଭବନରେ ଡ. ପଟ୍ଟନାୟକଙ୍କୁ ଭେଟି କଂଗ୍ରେସରେ ସାମିଲ ହୋଇଥିଲେ। କଂଗ୍ରେସ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯିବା ସହ ବାଙ୍କୀର ଉନ୍ନତିପାଇଁ କଂଗ୍ରେସ ବଧପରିକର ଥିବା ଡ.ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ। ଦିବାକର ଖଟୁଆ, ପ୍ରମୋଦ ଖଟୁଆ, ଦେବରାଜ ବେହେରା, ଗୋବିନ୍ଦ ବେହେରା, ପ୍ରତାପ ଚନ୍ଦ୍ର ସାହୁ, ତ୍ରିନାଥ ଜେନା, ପଞ୍ଚାନନ ସ୍ୱାଇଁ, ବିଷ୍ଣୁଚରଣ ନାୟକ, ଦିବାକର ନାୟକ, ନବକିଶୋର ଖଟୁଆ, କାଳନ୍ଦୀ ବେହେରା, ଯୁଧିଷ୍ଠିର ବେହେରା ଓ ମାନସ ଜେନା ପ୍ରମୁଖ ଉପସ୍ଥିତ ରହି ଦଳରେ ସାମିଲ ହୋଇଥିଲେ।

# ରାସ୍ତାରେ ଉଡୁଛି ଜିପ୍‌ସମ ଗୁଣ୍ଡ



ମେରାଇନ୍ ରାସ୍ତାରେ ପଡ଼ିଥିବା ଜିପସମ୍ ଗୁଣ୍ଡ।



ରାସ୍ତାରେ ଜମିଥିବା କୋଇଲା ଓ ଲୁହାପଥର ଗୁଣ୍ଡ ସଫା କରାଯାଉଛି।

- ପାରାଦୀପରେ ସୀମା ଟପିଲାଣି ପ୍ରଦୂଷଣ
- କଳା, ନାଲି ପରେ ଏବେ ଧଳା ଆସ୍ତରଣ

**ପାରାଦୀପ,୪।୩(ସ୍ୱ.ପ୍ର.)**

ପାରାଦୀପରେ ପ୍ରଦୂଷଣର ମାତ୍ରା ସୀମା ଟପିଲାଣି। ଏହାକୁ ନେଇ ବିଭିନ୍ନ ସଙ୍ଗଠନ ଓ ବୁଦ୍ଧିଜୀବୀ ଚିନ୍ତା ପ୍ରକଟ କରୁଥିବାବେଳେ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷ ଓ ପ୍ରଶାସନ ସେଥିପ୍ରତି ଭୃକ୍ଷେପ କରୁନାହାନ୍ତି। ପ୍ରତିକାର ବ୍ୟବସ୍ଥା କରିବା ପରିବର୍ତ୍ତେ ଶିଳ୍ପ ସଂସ୍ଥା କର୍ତ୍ତୃପକ୍ଷ ପ୍ରଦୂଷଣ ବୃଦ୍ଧି କରିଚାଲିଛନ୍ତି। ଭାରିଯାନ ଯୋଗେ ଖୋଲାରେ ଜିପ୍‌ସମ ପରିବହନ କରାଯାଉଥିବାରୁ ରାସ୍ତାରେ ଜିପ୍‌ସମ ଗୁଣ୍ଡ ପଡୁଛି। ପବନରେ ଓ ଅନ୍ୟ ଗାଡି ଚଳାଚଳ ବେଳେ ଉକ୍ତ ଗୁଣ୍ଡ ଉଡି ପଥଚାରୀଙ୍କ ଆଖି ଜଳାପୋଡ଼ା ହେଉଛି। କେବଳ ସେତିକି ନୁହେଁ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଏଭଳି ହେଉଥିଲେ ମଧ୍ୟ ବୋର୍ଡ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ଅନ୍ୟପକ୍ଷରେ ରାସ୍ତାରେ କଳା କୋଇଲା ଗୁଣ୍ଡ ଓ ଆଂଶିକ ନାଲି ଲୁହାପଥର ଗୁଣ୍ଡ ଆସ୍ତରଣ ପରେ ଏବେ ଧଳା ଜିପ୍‌ସମ ଗୁଣ୍ଡ ଆସ୍ତରଣ ଜମିଲାଣି।

ତୈଳାକ୍ତ ପଦାର୍ଥ, ଶିଳ୍ପରୁ ନିର୍ଗତ ଧୂଆଁ, ନିଆଁ, ରାସାୟନିକ ପ୍ରଦୂଷଣ ଆଦିରେ ପାରାଦୀପ ସହର ପରିବେଶ ନଷ୍ଟ ହୋଇଗଲାଣି। ପାରାଦୀପ ବନ୍ଦର ଯେଉଁ ୧୦୦ ମିଲିୟନ ଟନ୍ ପଣ୍ୟ କାରବାର କରୁଛି, ସେଥିରୁ ସିଂହଭାଗ ହେଲା କୋଇଲା। ସେହି କୋଇଲା ଗୁଣ୍ଡ ଅହରହ ପବନରେ ଉଡ଼ି ସହରାଞ୍ଚଳକୁ କଳା କରିଦେଇଛି। ତେବେ ଏହି କଳା ଆସ୍ତରଣରୁ ମୁକ୍ତ ଥିଲା ମେରାଇନ ଡ୍ରାଇଭ ରାସ୍ତା। ଏହି ପ୍ରଶସ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଅନେକ ଆକର୍ଷଣୀୟ ପର୍ଯ୍ୟଟନ ଭିତ୍ତିଭୂମି ରହିଛି। ବିସ୍ତିର୍ଣ୍ଣ ବେଳାଭୂମି, ରାସ୍ତାକଡ଼ରେ ବିଭିନ୍ନ ପ୍ରତିକୃତି, ହନୁମାନ ମନ୍ଦିର, ସର୍କିଟ ହାଉସ, ପାନ୍ଥନିବାସ, ବିଜ୍ଞାନ ପାର୍କ, ଜଳଜୀବ ସଂଗ୍ରହାଳୟ, ବତୀଘର, କୋଷ୍ଟାଲ ସେନସର ରାଡ଼ାର, ଡପ୍‌ଲର ରାଡ଼ାର, ୨ଟି ତାରକା ହୋଟେଲ, କୋଷ୍ଟଗାର୍ଡ କର୍ମଚାରୀ ନିବାସ ରହିଛି। ଏଥିସହ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ମଧ୍ୟ ରହିଛି। ଏସବୁ ଆକର୍ଷଣୀୟ ସ୍ଥାନ ଓ ପ୍ରଦୂଷଣ ମୁକ୍ତ ପରିବେଶ ଯୋଗୁ ପ୍ରତିଦିନ ହଜାରରୁ ଉର୍ଦ୍ଧ୍ୱ ଲୋକ ଉକ୍ତ ରାସ୍ତାରେ ପ୍ରାତଃ-ସାନ୍ଧ୍ୟ ଭ୍ରମଣ କରିଥାନ୍ତି। କିନ୍ତୁ ସେହି ରାସ୍ତାରେ ଏବେ ଖୋଲାରେ ଜିପ୍‌ସମ ପରିବହନ ଯୋଗୁ ଧଳା ଆସ୍ତରଣ ସୃଷ୍ଟି ହେଲାଣି। ପିପିଏଲ ସାର କାରଖାନାର ବର୍ଜ୍ୟବସ୍ତୁ ହେଲା ଜିପ୍‌ସମ ଗୁଣ୍ଡ।

ସୂଚନାଯୋଗ୍ୟ, ଉକ୍ତ ଜିପ୍‌ସମ ଗତ ୬ ମାସ ହେଲା ଜାହାଜ ଯୋଗେ ବାଂଲାଦେଶ ଯାଉଛି। ପିପିଏଲ କାରଖାନାରୁ ଏହା ଗାଡି ଯୋଗେ ମେରାଇନ୍ ଡ୍ରାଇଭ ରାସ୍ତାରେ ପରିବହନ ହେଉଛି। ଦିନରେ ଅଭିଯୋଗ ହେବାର ଭୟ ଥିବାରୁ ରାତି ୧୦ରୁ ସକାଳ ୬ଟା ପର୍ଯ୍ୟନ୍ତ ପରିବହନ କରାଯାଉଛି। ଖୋଦ୍ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଆଗରେ ଏସବୁ ଚାଲିଥିଲେ ହେଁ କୌଣସି ପ୍ରତିକାର କରାଯାଉନି। ଏ ସମ୍ପର୍କରେ ପିପିଏଲ କର୍ତ୍ତୃପକ୍ଷ କହିଛନ୍ତି, ଯାହା କିଛି ଅଳ୍ପ ପରିମାଣର ଜିପ୍‌ସମ ରାସ୍ତାରେ ପଡୁଛି, ତାହା ସକାଳେ ପାଣି ପକାଇ ସଫା କରାଯାଉଛି। ଗାଡ଼ିରେ ଘୋଡ଼ାଇ ଜିପ୍‌ସମ ପରିବହନ କରାଯାଉଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ରମେଶ ଚନ୍ଦ୍ର ଏକ୍କା କୁହନ୍ତି, ଏହା ଉପରେ ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



"ଯେଉଁ ଲୋକ ଦାୟିତ୍ୱ ତୁଲାଇ ଜାଣିନାହିଁ ବା ଦାୟିତ୍ୱ କ'ଣ ବୁଝିନାହିଁ, ସେ କେବେହେଲେ ନେତୃତ୍ୱ ନେଇପାରିବ ନାହିଁ।
- ସ୍ୱାମୀ ସଚ୍ଚିଦାନନ୍ଦ



# ଶିବ ପଞ୍ଚାକ୍ଷରୀରେ ପୂଜିଲେ ହରଙ୍କୁ

ନୟାଗଡ଼ ଅଫିସ,୪।୩

ସୋମବାର ଜାଗର ଉପଲକ୍ଷେ ନୟାଗଡ଼ ଜିଲାର ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଥିଲା। ଜିଲା ତଥା ରାଜ୍ୟ ପ୍ରସିଦ୍ଧ ଶରଣକୁଳର ଲଡୁବାବାଙ୍କ ମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ସକାଳୁ ସକାଳୁ ଭକ୍ତମାନେ ଲଡୁବାବାଙ୍କ ଦର୍ଶନ ପାଇଁ ଲମ୍ବା ଲାଇନ ଲଗାଇଥିଲେ। ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ଶିବ ପଞ୍ଚାକ୍ଷରୀ ଓ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ପ୍ରକମ୍ପିତ ହେଉଥିଲା ଲଡୁବାବାଙ୍କ ପୀଠ। ଜିଲାରେ ଥିବା ସମସ୍ତ ଶୈବପୀଠରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା। ମନ୍ତ୍ର ସାଙ୍ଗକୁ ତାଳ ଦେଇ ଘଣ୍ଟ ହୁଳିହୁଳି ଧ୍ୱନିରେ ଉଠୁଥିଲା ପଡୁଥିଲା ସମସ୍ତ ଶୈବପୀଠ। ପିଲାଙ୍କଠାରୁ ଆରମ୍ଭ କରି ବୟସ୍କମାନେ ସମସ୍ତେ ପ୍ରଭୁ ଲଡୁବାବାଙ୍କର ଆଶିଷ ପାଇବା ପାଇଁ ଯେପରି ଉତ୍କଣ୍ଠିତ ହୋଇଥିଲେ। ସନ୍ଧ୍ୟା ହେବା କ୍ଷଣି ଶରଣକୁଳ ଦେଇ ଯାଇଥିବା ୨୧ନଂ. ରାଜ୍ୟ ରାଜପଥ ହୋଇଯାଇଥିଲା ଭକ୍ତମୟ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଦରପଦା ଛକଠାରେ ହୋଇଥିବା ବାଇପାସ୍ ରାସ୍ତାରେ ଯାନବାହନ ଚଳାଚଳ ବ୍ୟବସ୍ଥା କରାଯାଇଥିଲା।

ସୋମବାର ଭୋର ୩ଟାରୁ ମନ୍ଦିର ଖୋଲାଯାଇ ଠାକୁରଙ୍କ ପହଡ଼ ଭଙ୍ଗାଯାଇଥିଲା। ୪ଟା ମଧ୍ୟରେ ଅବକାଶ ନୀତି ସମାପନ କରାଯାଇ ଭକ୍ତମାନଙ୍କ ଦର୍ଶନ ପାଇଁ ସକାଳ ୭ଟା ୩୦ ପର୍ଯ୍ୟନ୍ତ



ମନ୍ଦିରରେ ଲୋକଙ୍କ ଭିଡ଼।

ଖୋଲାଯାଇଥିଲା। ୭ଟା ୩୦ରୁ ୧୦ଟା ଯାଏ ପହଡ଼ ପଡ଼ିଥିଲା। ଏହି ସମୟରେ ଠାକୁରଙ୍କ ସମସ୍ତ ସକାଳନୀତି ସମାପନ ହୋଇଥିଲା। ସକାଳ ୧୦ଟାରୁ ସନ୍ଧ୍ୟା ୬ଟା ୩୦ ପର୍ଯ୍ୟନ୍ତ ଭକ୍ତମାନଙ୍କ ଦର୍ଶନ ପାଇଁ ପହଡ଼ ଖୋଲା ରହିଥିଲା। ୬ଟା ୩୦ରୁ ସନ୍ଧ୍ୟା ୭ଟା ୩୦ ଯାଏ ଠାକୁରଙ୍କ ପହଡ଼ ପଡ଼ି ସମସ୍ତ ସନ୍ଧ୍ୟା ନୀତି ସମାପନ କରାଯାଇଥିଲା। ୭ଟା ୩୦ ପରେ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲାଯିବା ପରେ ପରିବାରର ସୁଖଶାନ୍ତି କାମନା କରି ଭକ୍ତମାନେ ଜାଗର ଦୀପ ଜାଳିଥିଲେ। ଦୀପ ଜଳିବା ପରେ ପରିବେଶ ଯେପରି ଭକ୍ତିମୟ ହୋଇଉଠିଥିଲା। ମନ୍ଦିର ବେଢ଼ାରେ ଜାଗା ନ ମିଳିବାରୁ ବାହାରେ ଶ୍ରଦ୍ଧାଳୁମାନେ ଦୀପ ଜାଳୁଥିବା ଦେଖିବାକୁ ମିଳିଥିଲା। ରାତ୍ର ୧୦ଟାରେ ଠାକୁର ବେଢ଼ା ପରିକ୍ରମା କରିଥିଲେ। ପରେ ରାତି

■ଲଡୁବାବାଙ୍କ ପୀଠରେ ଲକ୍ଷାଧିକ ଭକ୍ତଙ୍କ ସମାଗମ

■ରାତି ୧୨ଟାରେ ଉଠିଲା ମହାଦୀପ

୧୨ଟାରେ ଜାଗର ମହାଦୀପ ଉଠିଥିଲା। ବେଢ଼ାରେ ମହାଦୀପ ଦର୍ଶନ କରି ଜାଗର ଉପବାସ କରିଥିବା ଶ୍ରଦ୍ଧାଳୁମାନେ ବ୍ରତ ସମାପନ କରିଥିଲେ। ଜାଗର ଦୀପ ଉଠିବା ପରେ ମଧ୍ୟ ମନ୍ଦିର ଭିତରେ ଅଧିକାଂଶ ଶ୍ରଦ୍ଧାଳୁ ରାତି ଉଜାଗର ରହି ଦୀପ ଜାଳିଥିଲେ। କିଛି ଶ୍ରଦ୍ଧାଳୁ ସକାଳୁ ବିଳମ୍ବିତ ରାତି ଯାଏ ଅଧିଆ ପଡ଼ିଥିବା ଦେଖିବାକୁ ମିଳିଥିଲା। ଜିଲା ଓ ମନ୍ଦିର ପ୍ରଶାସନ ତରଫରୁ ଶାନ୍ତିଶୃଙ୍ଖଳାରେ କିପରି ଯାତ୍ରା ହେବ ସେଥିପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ଅପରାହ୍ନରେ ଲାଇନ୍‌ରେ ଥିବା ଶ୍ରଦ୍ଧାଳୁମାନଙ୍କ ଉପରେ ପାଣି ସିଞ୍ଚନ ସହ ତାଳପତ୍ର ବିଞ୍ଚଣାରେ ବିଞ୍ଚାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ଓ ୨୦ଜଣ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଥିଲା। ଅନ୍ୟପଟେ ଜାଗର ଅବସରରେ ନିକଟସ୍ଥ ପଡ଼ିଆଠାରେ ଯାତ୍ରା ଅନୁଷ୍ଠିତ ହେଉଛି। ଏଠାରେ ମଧ୍ୟ ଲୋକଙ୍କ ଭିଡ଼ ଲାଗିରହିଛି। ଏଠାରେ ଅପରାହ୍ନ ୪ଟା ୩୦ରୁ ୫ଟା ୩୦ ଯାଏ କାଳବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ହୋଇଥିଲା।

## ମାଟ୍ରିକ ପରୀକ୍ଷା କେନ୍ଦ୍ର ଅସୁରକ୍ଷିତ ଅଭିଯୋଗ

### ସାଧାରଣରେ ଅସନ୍ତୋଷ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି

ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.)

ଆବଶ୍ୟକ ସଂଖ୍ୟକ ପୋଲିସ ନ ଥିବା ଯୋଗୁ ସ୍ଥାନୀୟ ମାଟ୍ରିକ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା କୋହଳ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି। ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦଜୀଉ ବିଦ୍ୟାମନ୍ଦିର ମାଟ୍ରିକ ପରୀକ୍ଷା କେନ୍ଦ୍ରରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି। ପରୀକ୍ଷା ସମୟରେ ଭିଡ଼ ଜମାଇ ପାଟିତୁଣ୍ଡ କରିବା, ପାଚେରି ଡେଇଁ ପରୀକ୍ଷାର୍ଥୀଙ୍କୁ କପି ଦେବା ପାଇଁ ଉଦ୍ୟମ କରିବା ଆଦି ଘଟଣା ନେଇ ଅଭିଯୋଗ ହେଉଛି। ଗତ ଶନିବାର ପରୀକ୍ଷାର୍ଥୀଙ୍କୁ କେତେଜଣ କପିଦେବାକୁ ଯାଇ ବିଫଳ ହୋଇଥିବା କୁହାଯାଇଛି। ଏମାନେ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ସାହୁ, ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ହରିହର ଗୋଚ୍ଛିଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିବାକୁ ଉଦ୍ୟମ କରିଥିବା ମଧ୍ୟ ଅଭିଯୋଗ ହୋଇଛି। ବିଦ୍ୟାମନ୍ଦିର କର୍ତ୍ତୃପକ୍ଷ ଏ ସମ୍ପର୍କରେ ନୟାଗଡ଼ ଜିଲା ଶିକ୍ଷାଧିକାରୀ ଓ କଣ୍ଟିଲୋ ପୋଲିସ ଫାଣ୍ଡି କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଥିବା କୁହାଯାଇଛି। ତେଣୁ ଏଥିପ୍ରତି ତୁରନ୍ତ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ବିଭିନ୍ନ ମହଲରେ ଦାବି ହୋଇଛି।

## ସଂକ୍ଷେପରେ

### ୨ ଦିନ ହେଲା ଭୋକ ଉପାସରେ ମହିଳା

**ରଣପୁର,୪।୩ (ସ୍ୱ.ପ୍ର.):** ପ୍ରେମିକଙ୍କୁ ବିବାହ କରିବା ପାଇଁ ଅପେକ୍ଷା କରି ଜଣେ ବିବାହିତା ମହିଳା ୨ଦିନ ହେଲା ପ୍ରେମିକଙ୍କ ଗ୍ରାମରେ ଥିବା ପୋଖରୀ ହୁଡ଼ାରେ ଭୋକ ଓପାସରେ ପଡି ରହିଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲା ରଣପୁର ଥାନା ଅଞ୍ଚଳରେ। ଏନେଇ ଗ୍ରାମବାସୀ ଥାନାରେ ଜଣାଇଥିଲେ ମଧ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାରୁ ପ୍ରକାଶ , ଏହି ମହିଳା ଜଣକ ୮ ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ବର୍ତ୍ତମାନ ତାଙ୍କର ୨ ପୁଅ ଓ ସ୍ୱାମୀ ଅଛନ୍ତି। ତେବେ କିଛିଦିନ ତଳେ ଗ୍ରାମ ନିକଟସ୍ଥ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ପରେ ତାଙ୍କ ସ୍ୱାମୀ ଘଟଣା ସମ୍ପର୍କରେ ଜାଣି ଏଥିରୁ ନିବୃତ୍ତ ରହିବାକୁ ସତର୍କ କରିଥିଲେ ଏବଂ ମାଡ଼ ମଧ ମାରିଥିଲେ। ତେଣୁ ମହିଳା ଜଣକ ସ୍ୱାମୀ ଓ ପିଲାମାନଙ୍କୁ ଛାଡି ପ୍ରେମିକଙ୍କୁ ବିବାହ କରିବା ପାଇଁ ଶନିବାର ତାଙ୍କ ଗ୍ରାମରେ ପହଞ୍ଚିଥିଲେ। ଏହା ଜାଣିପାରି ଉକ୍ତ ପ୍ରେମିକ ଜଣକ ଗ୍ରାମ ଛାଡି କେଉଁ ଆଡେ ଫେରାର୍ ହୋଇଯାଇଛନ୍ତି। ପ୍ରେମିକଙ୍କୁ ନ ପାଇ ତାଙ୍କ ଘରକୁ ଯିବାକୁ ଚାହିଁଥିଲେ ମଧ ପ୍ରେମିକଙ୍କ ପରିବାର ଲୋକେ ମହିଳାଙ୍କୁ ବାରଣ କରିଥିଲେ। ତେଣୁ ଗାଁ ମୁଣ୍ଡରେ ଥିବା ପୋଖରୀ ହୁଡାରେ ମହିଳା ଜଣକ ପଡ଼ିରହିଛନ୍ତି। ତେବେ ରଣପୁର ଥାନା ପକ୍ଷରୁ ଏ ପର୍ଯ୍ୟନ୍ତ କୋଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

### ବନ ବିଭାଗର ଚଢ଼ାଉ

**ଦଶପଲ୍ଲା,୪।୩ (ଡି.ଏନ.ଏ.):** ଦଶପଲ୍ଲା ବନଖଣ୍ଡ ଅଧୀନ ଚଢେୟାପଲ୍ଲୀ ସେକ୍ସନର ବିଭିନ୍ନ ସ୍ଥାନରେ ସୋମବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବହୁ ମୂଲ୍ୟବାନ ପଟ୍ଟା ଓ ସାଇଜ୍ କାଠ ଜବତ କରାଯାଇଛି। ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଚଢ଼ାଉ ସମୟରେ ହନୁମନ୍ତ ହରିଜନ ସାହିରୁ ୩୪ ଖଣ୍ଡ ପଟ୍ଟା ଜବତ କରାଯାଇଛି।

### ୨୫ରେ ସମୂହ ବ୍ରତୋପନୟନ

**ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.):** କଣ୍ଟିଲୋ ଯାତ୍ରାପଦାସ୍ଥିତ ପଞ୍ଚମୁଖୀ ହନୁମାନଜୀଉଙ୍କ ୧୭ତମ ବାର୍ଷିକ ପ୍ରତିଷ୍ଠା ଦିବସ ଅବସରରେ ଚଳିତ ମାର୍ଚ୍ଚ ୨୫ରେ ସମୂହ ବ୍ରତୋପନୟନ ଉତ୍ସବ ଅନୁଷ୍ଠିତ ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଇଚ୍ଛୁକ ବ୍ରାହ୍ମଣ ପରିବାର ଏହାର ସୁଯୋଗ ନେବାକୁ କମିଟି କର୍ମକର୍ତ୍ତା ଅନୁରୋଧ କରିଛନ୍ତି। ସମ୍ପୂର୍ଣ୍ଣ ବୈଦିକ ରୀତିରେ ତଥା ମାଗଣାରେ ଏହି ବ୍ରତୋପନୟନ କରାଯିବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ମନ୍ଦିର ପରିଚାଳନା କମିଟି ସଭ୍ୟ, ଆୟୋଜକ ଗୋପାଳ ଚନ୍ଦ୍ର ଅଗ୍ରୱାଲ, ସମ୍ପାଦକ ଲକ୍ଷ୍ମୀଧର ଚିନରାଙ୍କୁ ଯୋଗାଯୋଗ କରିବାକୁ କମିଟି ପକ୍ଷରୁ ନିବେଦନ କରାଯାଇଛି।

### ଭାରତ ଗୌରବ ଦିବସ ପାଳିତ




**ନୟାଗଡ଼ ଅଫିସ,୪।୩:** ନୟାଗଡ଼ ଜିଲା ଏବିଭିପି (ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ) ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିରରେ ଭାରତ ଗୌରବ ଦିବସ ପାଳିତ ହୋଇଯାଇଛି। ଭାରତୀୟ ବାୟୁସେନାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ଯେଉଁ ଦେଶ ପ୍ରୀତି ଦେଖାଇଛନ୍ତି ସେହି ପରିପ୍ରେକ୍ଷୀରେ ଏହି ଦିବସ ପାଳନ କରାଯାଇଥିବା ସୂଚନା ଦିଆଯାଇଥିଲା। ଅଧାପକ ପ୍ରସନ୍ନ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତର ଗୌରବପୂର୍ଣ୍ଣ ବର୍ତ୍ତମାନ ବିଷୟରେ ଆଲୋକପାତ କରିଥିଲେ। ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ ପରେ ସାରା ଦେଶ ଭାରତୀୟ ସେନା ଓ ଭାରତ ସରକାରଙ୍କ ଉପରେ ଆସ୍ଥା ପ୍ରକଟ କରିଥିବା ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ପ୍ରଶାନ୍ତ ରାଉତ, ଛାତ୍ରୀନେତ୍ରୀ ଲକ୍ଷ୍ମୀପ୍ରିୟା ମହାପାତ୍ର, ଜିଲା ସଂଯୋଜକ ପରମେଶ୍ୱର ମହାନ୍ତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟବ୍ରତ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ନଗର ସଂଯୋଜକ ଦିଲୀପ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପକ ନାୟକ, ନୂଆଗାଁ ବ୍ଲକ ସଂଯୋଜକ ପରମେଶ୍ୱର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ କୁମାର ପାତ୍ର, ଛାତ୍ରନେତା ଜ୍ଞାନ ରଞ୍ଜନ ସାହୁ ସହଯୋଗ କରିଥିଲେ।

# ବନ କର୍ମଚାରୀଙ୍କୁ ମାଡ଼, ଗାଡ଼ି ଭଙ୍ଗାରୁଜା

## ଦୁର୍ବୃତ୍ତଙ୍କ ଢାବାରୁ ବିପୁଳ ପରିମାଣର ବିଦେଶୀ ମଦ ଜବତ

ଓଡ଼ଗାଁ,୪।୩(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ବନାଞ୍ଚଳର ଗୋଚ୍ଛା ସଂରକ୍ଷିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମ ନିକଟରେ ଦୁର୍ବୃତ୍ତମାନେ ବନ କର୍ମଚାରୀଙ୍କ ସମେତ ପାଟ୍ରୋଲିଂରେ ଯାଇଥିବା ପ୍ରୋଟେକ୍ସନ ସ୍କ୍ୱାଡ, ପ୍ଲାଣ୍ଟେଶନ କର୍ମଚାରୀ ଓ ଗାଡି ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ସୂଚନା ଅନୁସାରେ ଶନିବାର ସନ୍ଧ୍ୟାରେ ଉକ୍ତ ସଂରକ୍ଷିତ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇବା ପରେ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡାଙ୍କ ନିର୍ଦ୍ଦେଶାନୁସାରେ ବନପାଳ ଜ୍ୟୋତିରଞ୍ଜନ ମାନସିଂ, ବନରକ୍ଷୀ ପବିତ୍ର କୁମାର ପରିଡା ଓ ଅନ୍ୟ କେତେକ କର୍ମଚାରୀ ବୋଲେରୋରେ ଜଙ୍ଗଲ ଅଭିମୁଖେ ଯାଇଥିଲେ। ଏହି ସମୟରେ ଏକ ନମ୍ବରବିହୀନ ବାଇକ୍‌ରେ ଦୁଇଜଣ ସେମାନଙ୍କ ରାସ୍ତା ଆଗକୁ ମାଡି ଆଗେ ଆଗେ ଯାଇଥିଲେ। ଏଥିରେ ବନପାଳଙ୍କ ସନ୍ଦେହ ହେବାରୁ ସେମାନଙ୍କ ପିଛା କରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ନିଆଁ ଲିଭିଯାଇଥିବାରୁ ସେମାନେ ଫେରିବା ସମୟରେ ଅନ୍ୟ ଜଣେ ଗାଡିରେ ନ ଥିବା



ଭଙ୍ଗାଯାଇଥିବା ଗାଡି।

ଜାଣି ଗାଡି ବୁଲାଇଥିଲେ। ଏତିକିବେଳେ ଓସ୍ତିଆ ଗ୍ରାମ ନିକଟରେ ସେମାନଙ୍କ ବୋଲେରୋକୁ ୧୦ରୁ ୧୨ ଜଣ ୫ରୁ ୬ ବାଇକ୍‌ରେ ଆସି ଘେରିଯାଇଥିଲେ। ଦୁର୍ବୃତ୍ତମାନେ ଗାଡି କାଚ ଭାଙ୍ଗିବା ସହିତ ସମସ୍ତଙ୍କୁ ଗୋଡାଇ ଗୋଡାଇ ଠେଙ୍ଗା ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଏଥିରେ ବନପାଳ ମାନସିଂ, ବନରକ୍ଷୀ ପରିଡା, ଲିଜ୍ ବୋଲେରୋ ଡ୍ରାଇଭର ବିଜୟ ରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ ସମସ୍ତ ପାରା କର୍ମଚାରୀ ଆହତ ହୋଇଥିଲେ। ଏ ନେଇ ବନାଞ୍ଚଳ ଅଧିକାରୀ ସୂଚନା ପାଇବା ପରେ ସ୍ଥାନୀୟ ପୋଲିସ ସହାୟତାରେ କର୍ମଚାରୀଙ୍କୁ ଉଦ୍ଧାର କରିବାକୁ ପହଞ୍ଚିଲା ବେଳକୁ ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ। ଶରଣକୁଳ ଗ୍ରାମର କୁନା ଖାଁ, ହରିହରପୁର ଗ୍ରାମର ବାବୁଲ ସିଠ ଓ ରବିଙ୍କ ସହିତ ଅନ୍ୟ ୧୦ରୁ ୧୨ ଜଣ ବନ କମଚାରୀଙ୍କୁ ଆକ୍ରମଣ କରିଥିବା ନେଇ ରବିବାର ବନପାଳ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏ ନେଇ ବିଭିନ୍ନ ଦଫାରେ ୩୪/୧୯ରେ ଏକ ମକଦ୍ଦମା ରୁଜୁ କରିଥିବା ତଦନ୍ତକାରୀ ଅଧିକାରୀ ସଞ୍ଜୟ କୁମାର ପରିଡା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ସ୍ଥାନୀୟ ପୋଲିସ ଗିରଫ କରିବାକୁ ଜଣେ ଅଭିଯୁକ୍ତଙ୍କ ହରିହରପୁର ଛକରେ ଥିବା ଢାବାରେ ରବିବାର ଚଢାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରି ଶରଣକୁଳ ପୋଲିସକୁ ହସ୍ତାନ୍ତର କରିଛି। ବନଖଣ୍ଡ ଅଧିକାରୀ ଧନଧାର ଧନରାଜ ଏଚ୍ ଓ ସହକାରୀ ବନ ସଂରକ୍ଷକ ଅରବିନ୍ଦ ମହାନ୍ତି ଗୁରୁତର ବନପାଳଙ୍କ ସମେତ ସମସ୍ତ ଆହତ କର୍ମଚାରୀଙ୍କୁ ଭେଟିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଉଦ୍ୟମ କରୁଥିବା ସୂଚନା ଦେଇଛନ୍ତି। ସମସ୍ତ ଅଭିଯୁକ୍ତ କାଠ ଚୋରା ଚାଲାଣ ଓ ଗୋ ଚାଲାଣରେ ସମ୍ପୃକ୍ତ ଅଭିଯୋଗରେ ସ୍ଥାନୀୟ ଥାନାରେ ମାମଲା ଥିବା ଜଣାଯାଇଛି।

## ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ବହୁମୁଖୀ ଆଶ୍ରୟସ୍ଥଳୀରେ 'କଳାଯାଥା'

ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.)

ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ବିପର୍ଯ୍ୟୟ ମୁକାବିଲା ପ୍ରସ୍ତୁତି ପାଇଁ ଆଶ୍ରୟସ୍ଥଳୀରେ ଉତ୍ତମ ରକ୍ଷଣାବେକ୍ଷଣ ନିମନ୍ତେ ସଚେତନତାମୂଳକ କାର୍ଯ୍ୟକ୍ରମ 'କଳାଯାଥା' ଅନୁଷ୍ଠିତ ହୋଇଛି। ଖଣ୍ଡପଡ଼ା ବ୍ଲକସ୍ଥ କଣ୍ଟିଲୋ, ଭାପୁର ବ୍ଲକ ପଥରଚକଡା ପଞ୍ଚାୟତର ମାଧପୁର ଏବଂ ଧାନଚେଙ୍ଗଡା ପଞ୍ଚାୟତର କାଳିଆପଲ୍ଲୀ ବହୁମୁଖୀ ଆଶ୍ରୟସ୍ଥଳୀଠାରେ ସୋମବାର ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନିମାପଡାର ଏକ ବେସରକାରୀ ସଂସ୍ଥା ଓମ୍ ସାଇ ନାଟ୍ୟ ସଂସଦ ଆନୁକୂଲ୍ୟରେ ଏକ ବନ୍ୟାବାତ୍ୟା ମୁକାବିଲା ସମ୍ପର୍କିତ ସଚେତନତା ନୃତ୍ୟ ନାଟକଟି ପରିବେଷଣ କରାଯାଇଥିଲା। ଆଶ୍ରୟସ୍ଥଳୀଗୁଡ଼ିକରେ ସ୍ୱଚ୍ଛତା ପ୍ରତି ଗୁରୁତ୍ୱାରୋପ ହୋଇଥିଲା। ବ୍ୟାଙ୍କ୍ ଆକାଉଣ୍ଟକୁ ୫ଲକ୍ଷ ଟଙ୍କାର ସ୍ଥାୟୀଜମାର ସୁଧ ଅର୍ଥରେ ଆଶ୍ରୟସ୍ଥଳୀଗୁଡ଼ିକର ରକ୍ଷଣାବେକ୍ଷଣରେ ସହଯୋଗ ମିଳିପାରିବ ବୋଲି କୁହାଯାଇଛି। ଅନୁଷ୍ଠାନର ସମ୍ପାଦକ ବ୍ରହ୍ମାନନ୍ଦ ମଲ୍ଲିକ ନାଟକ ମାଧ୍ୟମରେ ବିପର୍ଯ୍ୟୟ ମୁକାବିଲା ସମ୍ପର୍କରେ ବିଶେଷ ସଚେତନତା କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗା ଘଟଣା ନେଇ ଉତ୍ତେଜନା

ରଣପୁର,୪।୩(ସ୍ୱ.ପ୍ର.)

୪୦ ବର୍ଷରୁ ଉର୍ଦ୍ଧ୍ୱ ହେବ ରଣପୁର ମୁଖ୍ୟରାସ୍ତାସ୍ଥିତ ବିଦ୍ୟାଳୟ ସମ୍ମୁଖରେ ସ୍ଥାପିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଏକ ପ୍ରତିମୂର୍ତ୍ତିକୁ ଭାଙ୍ଗିବା ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଛି। ନୟାଗଡ଼ ଜିଲା ରଣପୁର ଅଧୀନ ଗୋପାଳପୁର ଡିମିରିଆ ପ୍ରାଥମିକ ବିଦ୍ୟାଳୟ ସମ୍ମୁଖରେ ଏହି ୭ ଫୁଟର ମୂର୍ତ୍ତିଟି ସ୍ଥାପିତ ହୋଇଥିଲା। ତେବେ ରବିବାର ରାତିରେ କୌଣସି ଦୁର୍ବୃତ୍ତ ଏହାକୁ ୩ ଖଣ୍ଡକରି ଭାଙ୍ଗି ଗଡ଼ାଇ ଦେଇଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ସ୍ୱର୍ଗତ ଅନାମ ମହାପାତ୍ର ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିଟିକୁ ପ୍ରତିଷ୍ଠା କରିଥିଲେ। ଏଥିପାଇଁ ମହାପାତ୍ର ଅନେକ ଲୋକଙ୍କଠାରୁ ଦାନ ଏବଂ ଆର୍ଥିକ ସହଯୋଗ ଭିକ୍ଷା କରିଥିଲେ। ମହାତ୍ମାଙ୍କ ଆଦର୍ଶ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଜାୟ ରଖିବା ପାଇଁ ସେ ମୂର୍ତ୍ତିଟିକୁ ବିଦ୍ୟାଳୟ ଆଗରେ ସ୍ଥାପନ କରିଥିଲେ। ପ୍ରତିମୂର୍ତ୍ତିଟି ବିଦ୍ୟାଳୟର ଆଦର୍ଶ ବହନ



ଭଙ୍ଗାଯାଇଥିବା ଗାନ୍ଧୀ ମୂର୍ତ୍ତି।

କରିବା ସହ ଜାତିରଜନକଙ୍କ ସ୍ମୃତି ଉଦ୍ରେକ କରୁଥିଲା। ମୂର୍ତ୍ତି ନିକଟରେ ବିଭିନ୍ନ ସଭା ସମିତି ମଧ ଅନୁଷ୍ଠିତ ହୋଇଥାଏ। ଏନେଇ ଗ୍ରାମବାସୀଙ୍କ ତରଫରୁ ରଣପୁର ଥାନାରେ ଲିଖିତ ଅଭିଯୋଗ ହୋଇଥିଲେ ମଧ ଖବର ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଓ ଘଟଣାସ୍ଥଳକୁ କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିବା ସୂଚନା ମିଳିଛି।

# ଜଗନ୍ନାଥପ୍ରସାଦରେ ଜାଗରମେଳା

ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ଜଗନ୍ନାଥପ୍ରସାଦ ପଞ୍ଚାୟତସ୍ଥ ବାଙ୍କନାଥ ମହାଦେବଙ୍କ ପୀଠରେ ସୋମବାରଠାରୁ ପବିତ୍ର ମହାଶିବରାତ୍ରି ଅବସରରେ ୩ଦିନ ବ୍ୟାପୀ ଜାଗରମେଳା ଅନୁଷ୍ଠିତ ହେଉଛି। ମେଳାରେ ନିକଟସ୍ଥ ମାଣିକାଗୋଡା, ପାଟଚଣ୍ଡୀ ପ୍ରସାଦ, କୁହାହରା, ମହୁଲପଡା ଓ ଦରଦା ଆଦି ଆଖପାଖ ଗ୍ରାମର ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଜନାସମାଗମ ହୋଇଥିଲା। ଏହି ଅବସରରେ ବିଭିନ୍ନ ଆତସବାଜି ପ୍ରଦର୍ଶନ କରାଯାଇଥିଲା। ଏଠାରେ ୫୦ରୁ ଉର୍ଦ୍ଧ୍ୱ ବିଭିନ୍ନ ରକମର ଷ୍ଟଲ ଖୋଲାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଛି। ସନ୍ଧ୍ୟାରେ ବାଙ୍କନାଥ ମହାଦେବଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ଗ୍ରାମ ପରିକ୍ରମା କରାଯାଇଥିଲା।

## ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ

କୃଷ୍ଣପ୍ରସାଦ,୪।୩(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଉପ ସେବାକେନ୍ଦ୍ର, ମାଲୁଦ ତରଫରୁ ସୋମବାର ତ୍ରିମୂର୍ତ୍ତି ଶିବ ଜୟନ୍ତୀ ମହୋତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ମାଲୁଦ ସରପଞ୍ଚ ରବୀନ୍ଦ୍ର ନାଥ ଦାସ ଯୋଗଦେଇ ବିଦ୍ୟାଳୟ ପରିସରରେ ଥିବା ଶିବ ଝଣ୍ଡାକୁ ଉତ୍ତୋଳନ କରିଥିଲେ।

## ବିଜ୍ଞାନକେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ଖଣ୍ଡପଡ଼ା,୪।୩(ସ୍ୱ.ପ୍ର.)

ଜ୍ୟୋତିର୍ବିଦ୍ ପଠାଣିସାମନ୍ତଙ୍କ ଜନ୍ମସ୍ଥାନ ଖଣ୍ଡପଡ଼ାଠାରେ ଏକ ବିଜ୍ଞାନକେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ସୋମବାର ଅପରାହ୍ନରେ ବିଧାୟକ ଅନୁଭବ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳବାସୀ ଏଥିନିମନ୍ତେ ରାଜ୍ୟ ସରକାର ଓ ବିଧାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ପଠାଣି ସାମନ୍ତଙ୍କ ସ୍ମୃତି ରକ୍ଷା ଉଦ୍ଦେଶ୍ୟରେ ସ୍ଥାପିତ ହେବାକୁ ଥିବା ଏହି କେନ୍ଦ୍ର ପାଇଁ ରାଜ୍ୟ ସରକାର ୬.୫ କୋଟି ଟଙ୍କା ମଞ୍ଜୁର କରିଥିବା ସୂଚନା ମିଳିଛି। ଭୁବନେଶ୍ୱରସ୍ଥିତ ଇଡ୍‌କୋ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହାର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯାଇ ୧ ବର୍ଷ ମଧ୍ୟରେ ଶେଷ କରାଯିବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସହରର ୧୩ ନଂ ୱାର୍ଡ ଅଧୀନ ଉମାଦେବୀ ଛକ ନିକଟସ୍ଥ ପ୍ରସ୍ତାବିତ ସ୍ଥାନରେ ବିଜ୍ଞାନକେନ୍ଦ୍ରଟି ନିର୍ମାଣ କରାଯିବ। ଏହି ଅବସରରେ ଆୟୋଜିତ ଉତ୍ସବରେ ଭୁବନେଶ୍ୱରସ୍ଥିତ ଇଡ୍‌କୋ ମୁଖ୍ୟ ଅଧିକାରୀ ଶାନ୍ତନୁ ଜେନା, ଡେପୁଟି ମ୍ୟାନେଜର ଏମ୍‌ଭିଏସ ଗିରି, ଆଡ୍‌ଭୋକେଟ୍ ହରିଶ୍ଚନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନୟାଗଡ ଜିଲାର ଏହା ପ୍ରଥମ ବିଜ୍ଞାନ କେନ୍ଦ୍ର ବୋଲି ସୂଚନା ମିଳିଛି।




ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟମାନେ।

# ଦ୍ୱିତୀୟ ପର୍ଯ୍ୟାୟ ଭିଭିପାଟ୍ ସଚେତନତା ୬ରୁ

ନୟାଗଡ଼ ଅଫିସ,୪।୩

୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ପ୍ରଥମଥର ପାଇଁ ସମସ୍ତ ବୁଥ୍‌ରେ ଇଭିଏମ୍ ଓ ଭିଭିପାଟ (ଭୋଟର ଭେରିଫାଏଡ୍ ପେପର ଅଡ଼ିଟ ଟ୍ରାଏଲ) ବ୍ୟବହାର କରାଯିବ। ଏହି ମେଶିନ୍‌ର ବ୍ୟବହାର ପାଇଁ ଲୋକମାନଙ୍କୁ ସଚେତନ କରାଯିବା ଲକ୍ଷ୍ୟରେ ଜାନୁୟାରୀ ୭ରୁ ଫେବୃୟାରୀ ୧୪ ପର୍ଯ୍ୟନ୍ତ ଭ୍ରାମ୍ୟମାଣ ଗାଡ଼ି ବୁଲିଥିଲା। ଜିଲାର ୧୫୮୭ଟି ଗ୍ରାମକୁ ପରିକ୍ରମା କରି ୬୨ ହଜାର ଲୋକଙ୍କୁ ସଚେତନ କରାଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲାରେ ଚଳିତମାସ ୬ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହେବ। ୨୫ ଦିନ ଧରି ଇଭିଏମ୍ ଓ ଭିଭିପାଟ ମେଶିନ୍ ଉପରେ ଲୋକମାନଙ୍କୁ ସଚେତନତା କରାଯିବ। ଜିଲାରେ ୪ଟି ନିର୍ବାଚନମଣ୍ଡଳୀରେ ୨୫ ଗାଡ଼ି ବୁଲି ଲୋକମାନଙ୍କୁ ଏହି ମେଶିନ ବ୍ୟବହାର ସମ୍ପର୍କରେ ଶିଖାଇବେ ବୋଲି ସୋମବାର ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଖବରଦାତା ସମ୍ମିଳନୀରେ ସୂଚନା



ଜିଲାପାଳ ନାୟକ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

■୨୫ ଦିନ ଧରି ଚାଲିବ

■୧୦ରୁ ହେବ ସ୍ୱତନ୍ତ୍ର ସଚେତନତା

ଦେଇଛନ୍ତି। ସେହିପରି ୧୦ ତାରିଖରେ ପ୍ରତିଟି ବ୍ଲକ ଓ ଜିଲା ହେଡ୍‌କ୍ୱାର୍ଟରରେ ଏ ନେଇ ସଚେତନତା କରାଯିବ। ଏଥିରେ ୱାର୍ଡ଼ମେମ୍ବରଠାରୁ ଆରମ୍ଭ କରି ସମସ୍ତ ସରପଞ୍ଚ ଯୋଗଦେବେ। ସେହିଭଳି ଗଣମାଧ୍ୟମର ପ୍ରତିନିଧି ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ଏ ନେଇ ସଚେତନ କରାଯିବ। ପ୍ରତିଦିନ ସକାଳ ୮ଟାରୁ ୫ଟା ପର୍ଯ୍ୟନ୍ତ ଗାଡ଼ି ଗ୍ରାମରେ ରହି ଲୋକମାନଙ୍କୁ ବୁଝାଇବ। ଯେଉଁଦିନ ଯେଉଁ ଗ୍ରାମକୁ ଗାଡ଼ି ଯିବ ତା'ପୂର୍ବରୁ ସେଠାକାର ବୁଥ୍ ଲେବୁଲ୍ ଅଫିସର ଏ ନେଇ ଜଣାଇବେ। ଗ୍ରାମରେ ଢେଙ୍କୁରା ମାଧ୍ୟମରେ ମଧ୍ୟ ପ୍ରଚାର କରାଯିବ। ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ପ୍ରଚାର ପ୍ରସାର ଅଭାବରୁ ଅଳ୍ପ ଲୋକ ସଚେତନ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଯେପରି ଲୋକମାନେ ଏଥିରେ ଭାଗ ନେବେ ସେ ଦିଗ ପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ଉପସ୍ଥିତ ଥିଲେ।



ଯେତେବେଳେ ଅସୁବିଧା ଆସେ, ମନକୁ ସ୍ଥିର ରଖିବା ଉଚିତ।
- ଲେନିନ୍



## ସଂକ୍ଷେପରେ

### ଶୈବପୀଠରେ ସାଂସ୍କୃତିକ କାର୍ଯ୍ୟକ୍ରମ
## ଭକ୍ତି ସଙ୍ଗୀତ, ଓଡ଼ିଶୀ ନୃତ୍ୟ ମୁଖ୍ୟ ଆକର୍ଷଣ

**ପୁରୀ ଅଫିସ,୪।୩:** ପବିତ୍ର ମହାଶିବରାତ୍ରି ଅବସରରେ ଶ୍ରୀକ୍ଷେତ୍ରର ସମସ୍ତ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଶ୍ରୀଲୋକନାଥଙ୍କ ପୀଠରେ ଶ୍ରୀଲୋକନାଥ ଜାଗର କମିଟି ଆନୁକୂଲ୍ୟରେ ଜାଗର ପଡ଼ିଆରେ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀଙ୍କ ଭକ୍ତିରସରେ ଶ୍ରଦ୍ଧାଳୁମାନେ ଝୁମିଥିଲେ। ନରେନ୍ଦ୍ରକୋଣ ସ୍ଥିତ ବାଲିକପିଳେଶ୍ୱରପୁର ମନ୍ଦିର ପରିଚାଳନା କମିଟି ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ରଙ୍ଗଶାଳାର କଳାକାରମାନେ ନୃତ୍ୟ ପରିବେଷଣ କରିଥିଲେ। ନବକଳେବର ରୋଡ ସ୍ଥିତ ଆଖଣ୍ଡଳମଣି ମନ୍ଦିର ପରିସରରେ ନବପ୍ରତିଭାର ଗୁରୁ ଅଶୋକ ଦାଶ ଏବଂ ବବିତା ଦାଶଙ୍କ ନେତୃତ୍ୱରେ ମଙ୍ଗଳାଚରଣରେ ଗଣେଶ ବନ୍ଦନା, କୁନି କୁନି କଳାକାରମାନେ ମନ ହୁଏ ରାଧା ସାଜି, ନନ୍ଦ ରାଜା ନୃତ୍ୟ ପରିବେଷଣ କରି ଦର୍ଶକ ଏବଂ ଭକ୍ତଙ୍କୁ ବିମୋହିତ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ରୋଜାଲିନ୍ ପଣ୍ଡା ଅର୍ଦ୍ଧନାରୀଶ୍ୱର, ସ୍ୱରୂପା ରଥ ଦୁର୍ଗା ସ୍ତୁତି ପ୍ରଭୃତି ଏକକ ନୃତ୍ୟ ପରିବେଷଣ କରିଥିଲେ। ସେହିପରି କୁମ୍ଭାରପଡାସ୍ଥିତ ତ୍ରିଲୋଚନଶ୍ୱର ପୀଠରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କୁମ୍ଭାରପଡା, ସାତପଡା, ବ୍ରହ୍ମଗିରି, ସାକ୍ଷୀଗୋପାଳ ଆଦି ଅଞ୍ଚଳର କଣ୍ଠଶିଳ୍ପୀମାନେ ଭଜନ, ଜଣାଣ ଗାନ କରି ଏକ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲେ।

## ଗୋବର୍ଦ୍ଧନ ମଠରେ ପୁସ୍ତକ ଲୋକାର୍ପଣ

**ପୁରୀ ଅଫିସ,୪।୩:** ଗୋବର୍ଦ୍ଧନ ମଠରେ ସୋମବାର ରୁଦ୍ରାଷ୍ଟାଧାୟୀ ପୁସ୍ତକ ଲୋକାର୍ପିତ ହୋଇଛି। ପ୍ରଫେସର ଦିବାକର ପାତ୍ରଙ୍କ ଦ୍ୱାରା ରଚିତ ଏହି ପୁସ୍ତକରେ ଶିବଲିଙ୍ଗ ଅଭିଷେକର ବୈଦିକ ମନ୍ତ୍ର, ତା'ର ଅର୍ଥ ଓ ସ୍ୱର ସହିତ ପାଠ କରିବାର ବିଧି ଉଲ୍ଲେଖ ରହିଛି। ଏତଦ୍‌ବ୍ୟତୀତ ପାର୍ଥିବ ଶିବଲିଙ୍ଗଙ୍କ ପୂଜନ, ବିଧି ଓ ମନ୍ତ୍ର ବିସ୍ତୃତ ଭାବେ ବର୍ଣ୍ଣନା କରାଯାଇଛି। ଓଡ଼ିଆ ଲିପିରେ ଏଭଳି ପୁସ୍ତକ ଶିବଲିଙ୍ଗ ପୂଜନରେ ବୈଦିକ କାର୍ଯ୍ୟକ୍ରମରେ ବିଶେଷ ରୂପେ ସହାୟକ ହେବ। ଏହି ଲୋକାର୍ପଣ ଉତ୍ସବରେ ସ୍ୱାମୀ ପୁରୁଷୋତ୍ତମ ତୀର୍ଥ, ପଣ୍ଡିତ ଜୟକୃଷ୍ଣ ମିଶ୍ର, ଓଡ଼ିଶା ପୋଲିସ ଏକାଡେମୀର ପୂର୍ବତନ ମୁଖ୍ୟ ବୈକୁଣ୍ଠନାଥ ମିଶ୍ର, ଗୋବର୍ଦ୍ଧନ ମଠ ମୁଖପାତ୍ର ମନୋଜ ରଥ, ଆଦିତ୍ୟ ବାହିନୀ ରାଜ୍ୟ ସଭାପତି ଜିତେନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ପଣ୍ଡିତ ଗୋପାଳ ମହାପାତ୍ର ଓ ପଣ୍ଡିତ କୃପାସିନ୍ଧୁ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କ୍ଷୀରସାଗର ଉତ୍ସବ ବେଳେ ମେଣ୍ଢା ଲଢ଼େଇ



**ନିରାକାରପୁର,୪।୩(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଅଞ୍ଚଳର ଆରାଧ୍ୟ ଦେବତା ଶ୍ରୀଶ୍ରୀକପିଳେଶ୍ୱରଦେବଙ୍କ ପୀଠରେ ବାଇଶି ଦେଶ ଯାଦବ ସମିତି ଆନୁକୂଲ୍ୟରେ ୧୩ ତମ ବାର୍ଷିକ କ୍ଷୀରସାଗର ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ, ଖୋର୍ଦ୍ଧା, ଜଟଣୀ, ବୋଲଗଡ଼, ବେଗୁନିଆ, ରଣପୁର, କଣାସ ଆଦି ସାତଟି ବ୍ଲକର ବାଇଶି ଦେଶରୁ ମୋଟ ୧୦ ହଜାର ଲିଟର ଖୀର ଶ୍ରୀଶ୍ରୀକପିଳେଶ୍ୱରଦେବଙ୍କୁ ଲାଗି କରାଯାଇଥିଲାଣି। ଏହି ଉପଲକ୍ଷେ ନିରାକାରପୁର ମଞ୍ଜାରିଆ ପାଟଣା ଗ୍ରାମସ୍ଥିତ ଦହିଖିଆ ଠାକୁରାଣୀଙ୍କ ପାଖରୁ ଏକ ବିରାଟ ପଟୁଆର ଆସି କପିଳେଶ୍ୱର ଠାକୁରଙ୍କ ପାଖରେ ପହଞ୍ଚିଥିଲା। ଏଠାରେ ମେଣ୍ଢା ଲଢେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଲଢେଇରେ ଚନ୍ଦନପୁର ଅଞ୍ଚଳରୁ ଆସିଥିବା ମେଣ୍ଢାର ମୃତ୍ୟୁ ଘଟିଥିଲା କାର୍ଯ୍ୟକ୍ରମବେଳେ ପୋଲିସ ଉପସ୍ଥିତ ଥିବା ବେଳେ ଏଭଳି ଆଇନ୍ ବିରୋଧ କାର୍ଯ୍ୟକ୍ରମ କିପରି ହୋଇଥିଲା ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ହୋଇଛି।

## ସଂକଳ୍ପ ପଦଯାତ୍ରା

**ଖୋର୍ଦ୍ଧା ଅଫିସ/ବୋଲଗଡ, ୪।୩(ଡି.ଏନ.ଏ.):** ବୋଲଗଡ ବ୍ଲକ ବାଙ୍କୋଇରେ ଭାଜପା ପକ୍ଷରୁ ସଂକଳ୍ପ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା ନେତ୍ରୀ ଅପରାଜିତା ଷଡଙ୍ଗୀ, ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ପ୍ରକାଶ ବିଜୁଳି, ପୂର୍ବତନ ପାଞ୍ଚଗଡ ମଣ୍ଡଳ ସଭାପତି ସୁବାଶ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ପରେ ଏହି ପଦଯାତ୍ରା ବୋଲଗଡ ଓ ବେଗୁନିଆ ବ୍ଲକର ବିଭିନ୍ନ ଶୈବ ପୀଠକୁ ଯାଇ ଠାକୁର ଦର୍ଶନ କରିବା ସହ ସାଧାରଣଲୋକଙ୍କୁ ଭେଟି ଭାଜପାକୁ ବିଜୟୀ କରିବାକୁ ନିବେଦନ କରିଥିଲେ।

# ଭାଜପା କ୍ଷମତାକୁ ଆସିଲେ ଆରଓବି ତିଆରି ହେବ

**ପୁରୀ ଅଫିସ,୪।୩**





କାର୍ଯ୍ୟକ୍ରମରେ ଉପସ୍ଥିତ ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ଓ ଅନ୍ୟମାନେ।

■ନବକଳେବର ଦୁର୍ନୀତିରେ ସ୍ଥାନୀୟ ନେତା ଦାୟୀ

■ମତ୍ସ୍ୟଜୀବୀଙ୍କ ପାଇଁ ଖୋଲିଛି ସ୍ୱତନ୍ତ୍ର ବିଭାଗ

ଓଡ଼ିଶାରେ ଭାଜପାକୁ କ୍ଷମତାସୀନ କରାନ୍ତୁ। ପୁରୀରେ ଭାଜପା ବିଧାୟକଙ୍କୁ ଜିତାଇ ବିଧାନସଭାକୁ ପଠାନ୍ତୁ। ଗୋଟିଏ ନୁହେଁ, ୧୦ଟି ରେଳ ଓଭର ବ୍ରିଜ୍ (ଆରଓବି) ତିଆରି କରାଯିବ ବୋଲି କହିଛନ୍ତି କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା। ସୋମବାର ପୁରୀଠାରେ ମତ୍ସ୍ୟଜୀବୀଙ୍କ ସହ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଯୋଗଦେଇ ସିହ୍ନା କହିଥିଲେ, ସିଦ୍ଧମହାବୀର ଆରଓବି ଲାଗି ଅର୍ଥର ଅଭାବ ନାହିଁ। ଦୁଇଦିନରେ ଟଙ୍କା ଦିଆଯାଇ ପାରିବ। ହେଲେ ରାଜ୍ୟ ସରକାର ହିସାବ ଦେବାରେ ଗଡ଼ବଡ଼ କରୁଛନ୍ତି। ତେଣୁ ଭାଜପାକୁ କ୍ଷମତାକୁ ଆଣନ୍ତୁ, ଆରଓବି ତିଆରି କରାଯିବ। କେନ୍ଦ୍ର ଏବଂ ଓଡ଼ିଶାରେ ଭାଜପା ସରକାର ଆସିଲେ ଓଡ଼ିଶାର ବିକାଶ ଦ୍ରୁତଗତିରେ ଆଗେଇବ।

ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ମହାପ୍ରଭୁଙ୍କ ନବକଳେବର ପ୍ରତି କେବଳ ଓଡ଼ିଶା ନୁହେଁ ସାରା ଭାରତବାସୀଙ୍କ ଆସ୍ଥା ଓ ବିଶ୍ୱାସ ରହିଛି। ହେଲେ ଏଥିରେ ଦୁର୍ନୀତି କରାଯାଇଛି। ଶ୍ରୀମନ୍ଦିରରେ ବିବାଦ ଦେଖାଦେଇଛି। ସେହିପରି ବେବିନା ପ୍ରତି ଯେଉଁ ଅନ୍ୟାୟ ହୋଇଛି ତାହାକୁ ମନ୍ତ୍ରୀ ସିହ୍ନା ତୀବ୍ର ନିନ୍ଦା କରିବା ସହ ଏହିସବୁ ଘଟଣା ପାଇଁ ସ୍ଥାନୀୟ ରାଜନେତାଙ୍କୁ ଦାୟୀ କରିଥିଲେ। ୨୦୦୯ରୁ ୨୦୧୪ ମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାକୁ ଯେଉଁ ଆର୍ଥିକ ଅନୁଦାନ ଦେଇଥିଲେ, ମୋଦି ସରକାର ତାହାର ଦୁଇଗୁଣା ଦେଇଛନ୍ତି। କିନ୍ତୁ ଏହା ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚୁନାହିଁ। ବିଜୁ ଜନତା ଦଳ ଲୋକଙ୍କ କମିଶନରେ ଏହା ପଳାଇଯାଉଛି ବୋଲି ସିହ୍ନା କହିଥିଲେ।

କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ, ପ୍ରଥମଥର ଲାଗି କେନ୍ଦ୍ର ସରକାର ମତ୍ସ୍ୟ ବିଭାଗ କରିଛନ୍ତି। ଏହାଦ୍ୱାରା ମତ୍ସ୍ୟଜୀବୀ ପରିବାର ଉପକୃତ ହୋଇପାରିବେ। ଗଭୀର ସମୁଦ୍ରକୁ ଯାଇ ମାଛ ମାରୁଥିବା ମତ୍ସ୍ୟଜୀବୀଙ୍କୁ କିପରି ଉନ୍ନତ ଜ୍ଞାନକୌଶଳ ଶିକ୍ଷା ଦିଆଯିବ ଏବଂ ସେମାନେ ନିରାପଦରେ ମାଛ ଧରିବେ ତା'ର ବ୍ୟବସ୍ଥା ହୋଇଛି। ସେହିପରି ମତ୍ସ୍ୟଜୀବୀଙ୍କ ଲାଗି ଋଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ୨୦୧୯ରେ ଭାଜପା ନେତୃତ୍ୱରେ ଯେଉଁ ନୂଆ ଭାରତ ଗଠନ ହେବ, ତାହା ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ର ହେବ। କେହି ବି ଭାରତକୁ ଆଙ୍ଗୁଠି ଦେଖାଇବାକୁ ସାହସ କରିବେ ନାହିଁ ବୋଲି କହିଥିଲେ କେନ୍ଦ୍ରମନ୍ତ୍ରୀ ସିହ୍ନା।

କାର୍ଯ୍ୟକ୍ରମରେ ଭାଜପା ନେତ୍ରୀ ଅନୁ ଚୌଧୁରୀ ଉପସ୍ଥିତ ରହି ମତ୍ସ୍ୟଜୀବୀଙ୍କୁ ସେମାନଙ୍କ ହକ୍ ମିଳିବା ଦରକାର ବୋଲି କହିଥିଲେ। କୃଷ୍ଣଚନ୍ଦ୍ର ପଣ୍ଡା କହିଥିଲେ, ମତ୍ସ୍ୟଜୀବୀଙ୍କ ପାଇଁ ଯେଉଁ ଟଙ୍କା ଆସୁଛି ସେମାନେ ତାହା ପାଉନାହାନ୍ତି। ଗତ ଫାଇଲିନ୍‌ରେ ମତ୍ସ୍ୟଜୀବୀଙ୍କୁ ଡଙ୍ଗା ଦିଆଯିବା ଲାଗି ଟଙ୍କା ଆସିଥିଲା। ପୁରୀରେ ୩ ହଜାର ମତ୍ସ୍ୟଜୀବୀଙ୍କୁ ଡଙ୍ଗା ଦିଆଯାଇଛି ବୋଲି ମିଥ୍ୟା ବିଲ୍ କରାଯାଇ ଟଙ୍କା ଲୁଟ୍ ହୋଇଥିବା କହିଥିଲେ।

ଏ ସଂକ୍ରାନ୍ତରେ ବିଜେଡି ନଗର ସଭାପତି ସବ୍ୟସାଚୀ ମହାପାତ୍ର କହିଛନ୍ତି, ପୁରୀରେ କ'ଣ ଦୁର୍ନୀତି ହୋଇଛି କି ନାହିଁ ସେନେଇ କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀଙ୍କର କହିବାର ନୈତିକ ଅଧିକାର ନାହିଁ। ସିଦ୍ଧମହାବୀର ରେଳ ଓଭର ବ୍ରିଜ୍ ତିଆରି କରିବା ଦିଗରେ କେନ୍ଦ୍ର ସରକାର ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ସେହିପରି ନବକଳେବର ସମୟରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଏବଂ ଧର୍ମେନ୍ଦ୍ର ପ୍ରଧାନ ବହୁ ଆଡ଼ମ୍ବରରେ ସିଂହଦ୍ୱାରଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡରେ ମାଗଣା ୱାଇଫାଇ ସେବା ଆରମ୍ଭ କରିଥିଲେ। ହେଲେ ୩ ମାସ ପରେ ତାହା ବନ୍ଦହୋଇ ପଡିଛି।

### ସିଦ୍ଧମହାବୀର ଆରଓବି ନିର୍ମାଣ
## କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀଙ୍କୁ ଦାବିପତ୍ର

**ପୁରୀ ଅଫିସ,୪।୩**

ପୁରୀ-କୋଣାର୍କ ରାସ୍ତାର ସିଦ୍ଧମହାବୀର ରେଳ ଓଭରବ୍ରିଜ୍ (ଆରଓବି) ତିଆରି କରିବା ଲାଗି ଦୀର୍ଘଦିନ ହେଲା ଦାବି ହୋଇଆସୁଛି। ହେଲେ ଏହା ଫଳପ୍ରଦ ହୋଇପାରୁ ନାହିଁ। ଏବେ ବି ଏହି ଓଭରବ୍ରିଜ୍ ନିର୍ମାଣ ପାଇଁ ପୁରୀବାସୀ ବିଭିନ୍ନ ଫୋରମ୍‌ରେ ଦାବି କରିଆସୁଛନ୍ତି। ସୋମବାର କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ମନୋଜ ସିହ୍ନା ପୁରୀ ଗସ୍ତରେ ଆସିଥିବା ବେଳେ ସିଦ୍ଧମହାବୀର ରୋଡ ଓଭରବ୍ରିଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ପୁରୀ-କୋଣାର୍କ ମୁଖ୍ୟ ରାସ୍ତାରେ ଏହି ଲେଭଲ କ୍ରସିଂ ରହିଛି। ଏହାବ୍ୟତୀତ ପୁରୀରୁ ଗୋପ, କାକଟପୁର, ଜଗତ୍‌ସିଂହପୁର ଆଦି ଅଞ୍ଚଳକୁ ଏହି ରାସ୍ତାଦେଇ ଲୋକେ ଯା'ଆସ କରିଥାନ୍ତି। ପ୍ରତ୍ୟେକ ଦିନ ପ୍ରାୟ ୨ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଏହି ଲେଭଲ କ୍ରସିଂ ଦେଇ ଯାତାୟାତ କରନ୍ତି। ବିଶେଷକରି ପୁରୀରୁ କୋଣାର୍କକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ବସ୍ ଏବଂ ଅନ୍ୟାନ୍ୟ ଗାଡି ମୋଟର ଦୈନିକ ଯିବା ଆସିବା କରୁଛି। ହେଲେ ଏଠାରେ ଅଧିକାଂଶ ସମୟ ଟ୍ରାଫିକ ଜାମ୍ ହେଉଛି। ସ୍ଥାନୀୟ ଜନସାଧାରଣ, ସ୍କୁଲ କଲେଜ ଛାତ୍ରୀଛାତ୍ର ଅଧିକ ହଇରାଣ ହେଉଛନ୍ତି। ତେଣୁ ଏଥିପ୍ରତି ସହୃଦୟତାର ସହ ବିଚାର କରି ରେଳ ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ କମିଟି ଅନୁରୋଧ କରିଛି।

# ମୁଗଡାଲି ବୋଝେଇ ଗାଡ଼ି ଜବତ, ଅଭିଯୁକ୍ତ ଫେରାର୍

**ଭାପୁର/ଖଣ୍ଡପଡ଼ା,୪।୩ (ଡି.ଏନ୍.ଏ./ସ୍ୱ.ପ୍ର.)**

ଫତେଗଡ଼ ଅଞ୍ଚଳରେ ସୋମବାର ସକାଳେ ଏକ ମୁଗଡାଲି ଗାଡ଼ିକୁ ସନ୍ଦେହରେ ପୋଲିସ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି। ଫତେଗଡ ଥାନା ଆଇଆଇସି ନିରଞ୍ଜନ ଧିର ଓ କଣ୍ଟିଲୋ ପୋଲିସ ସୂତ୍ରରୁ ପ୍ରକାଶ, କଟକ ଜିଲା ଅନ୍ତର୍ଗତ ନରସିଂହପୁରରୁ ଏକ ୪୦୭ ଗାଡି ନଂ-ଓଆର-୧୯ ଇ ୨୧୭୩ରେ ମୁଗଡାଲି ବସ୍ତା ବୋଝେଇ ହୋଇ କୌଣସି ସ୍ଥାନକୁ ନିଆଯାଉଥିଲା। ତେବେ ଗତ ୨ ତାରିଖରେ ସିଧାମୂଳା ବାଲିଘାଟଠାରେ ବୋଲେରୋରେ ଅପେକ୍ଷା କରିଥିବା କେତେକ ଦୁର୍ବୃତ୍ତ ୪୦୭ ଗାଡି ଡ୍ରାଇଭରକୁ ଅଟକାଇ ମାଡ଼ମାରି ଗାଡିକୁ ଧରି ଚମ୍ପଟ ମାରିଥିଲେ। ତେବେ ଗାଡିଟିକୁ କଣ୍ଟିଲୋ ଦେଇ ଭାପୁର ବାଇପାସ ନିକଟରେ ଥିବା ହନୁମାନ ମନ୍ଦିର ପାଖରେ ରଖି ଅଭିଯୁକ୍ତମାନେ ସେଠାରୁ ବିଳମ୍ବିତ ରାତିରେ ଫେରାର ହୋଇ ଯାଇଥିଲେ। ଏଥିରେ ଥିବା ମୁଗଡାଲି ଲୋକେ ବୋହି ନେଉଥିବା ଖବର ପାଇ ଫତେଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲା। ଏହି ଘଟଣା କଣ୍ଟିଲୋ ଫାଣ୍ଡି ଅଧୀନରେ ଘଟିଥିବାରୁ ଏସଡିପିଓ ଶ୍ରୀନିବାସ ମହାନ୍ତି, ଭାପୁର ଫାଣ୍ଡି ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ସମ୍ପୃକ୍ତ ଗାଡିକୁ ଫତେଗଡ ପୋଲିସ ସହାୟତାରେ କଣ୍ଟିଲୋ ଫାଣ୍ଡି ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇ ଘଟଣାର ଅନୁସନ୍ଧାନ ଜାରି ରହିଥିବା ଫତେଗଡ ଆଇଆଇସି ଧିର ସୂଚନା ଦେଇଛନ୍ତି।





ଜବତ ଗାଡ଼ି।

## ଶୈବପୀଠ ଚଳଚଞ୍ଚଳ

**କୃଷ୍ଣପ୍ରସାଦ,୪।୩ (ଡି.ଏନ.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ମନ୍ଦିର ମହାଶିବରାତ୍ରୀ ପାଇଁ ଚଳଚଞ୍ଚଳ ହୋଇ ଉଠିଛି। ମାଲୁଦ ପଞ୍ଚୁଦୋଳ ପଡିଆରେ ଥିବା ପଞ୍ଚମୁଖୀ ହନୁମାନ ମନ୍ଦିର, ମଲେଶ୍ୱରୀ ଗ୍ରାମର ମଲ୍ଲିକେଶ୍ୱରୀ ମହାଦେବ ମନ୍ଦିର, ମାଲୁଦର ବ୍ରହ୍ମାକୁମାରୀ ଈଶ୍ୱରୀୟ ମହାବିଦ୍ୟାଳୟରେ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଲ୍ଲୀକେଶ୍ୱରୀ ସାଂସ୍କୃତିକ ସଂଗଠନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ପାଦକ ପ୍ରଭାକର ବେହେରା ଏବଂ ପରିଚାଳନା କମିଟି ସହଯୋଗ କରିଥିଲେ। ମାଲୁଦ ହନୁମାନ ମନ୍ଦିର, ନବା ଜଗତେଶ୍ୱର ମନ୍ଦିର, ତିଛଣ ତ୍ରିଲୋଚନେଶ୍ୱର ମନ୍ଦିର, ସିଆଣ୍ଡି ଜଗତେଶ୍ୱର ମନ୍ଦିର, ବ୍ରାହ୍ମଣଦେଓ ଦକ୍ଷିଣେଶ୍ୱର ମନ୍ଦିର, ଗୋପାଳପୁର ଆଖଣ୍ଡଳେଶ୍ୱର, ଦେଉଳପଡା କମଳେଶ୍ୱର, ସିଆଳ କନକେଶ୍ୱର, ପାରିକୁଦ ଗଡଗାଦୀଶ୍ୱର, ବଜ୍ରକୋଟ ବଜ୍ରେଶ୍ୱର, ଓରା ଚଣ୍ଡୀ ହରଦେବ, ମୋରଡା ବଟେଶ୍ୱର, ବୁଦ୍ଧିବର ଉଜଳେଶ୍ୱର, ପରଳା ବାଲୁଙ୍କେଶ୍ୱର ଏବଂ ଚିଲିକା ନୂଆପଡା ଗାଁ ରେ ଥିବା ଗୁପ୍ତେଶ୍ୱର ଦେବଙ୍କ ପୀଠଗୁଡ଼ିକୁ ଆଲୋକମାଳାରେ ସୁସଜ୍ଜିତ କରିବା ସହ ଆଧାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା।

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମ ବାର୍ଷିକ

**ଭାପୁର/ଖଣ୍ଡପଡା, ୪।୩(ଡ଼ି.ଏନ.ଏ./ସ୍ୱ.ପ୍ର.)**

ଭାପୁର ବଜାରରେ ଥିବା ସତ୍‌ସଙ୍ଗ କେନ୍ଦ୍ରରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୧ ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ୨ଶହରୁ ଉର୍ଦ୍ଧ୍ୱ ଭକ୍ତ ବଜାର ପରିକ୍ରମା କରି ସତ୍‌ସଙ୍ଗ କେନ୍ଦ୍ରରେ ମିଳିତ ହୋଇଥିଲେ। ଠାକୁରଙ୍କ ଫଟୋକୁ ସଜ୍ଜିତ କରି ଏକ ଧାର୍ମିକ ପରିବେଶରେ ଶ୍ରଦ୍ଧାଳୁମାନେ ବୁଲିଥିଲେ। ରବିବାର ସକାଳ ୧୧ଟାରେ ଏହି ଧାର୍ମିକ ସଭାକୁ ଗୁରୁଭାଇ ବ୍ରଜବନ୍ଧୁ ସାହୁ ସଂଯୋଜନା କରିଥିଲେ। ବାଙ୍କନିଧି ପଣ୍ଡା ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୁରୁଭାଇ ନବ କିଶୋର ସାହୁ, ଲକ୍ଷ୍ମୀଧର ସାହୁ, ମାଧବ ଚନ୍ଦ୍ର ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉତ୍ସବରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

# ବିଭିନ୍ନ ଶୈବପୀଠରେ ମହାଶିବରାତ୍ରି

**ନୂଆଗାଁ,୪।୩ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବିଭିନ୍ନ ଶୈବପୀଠରେ ସୋମବାର ମହାଶିବରାତ୍ରୀ ପାଳିତ ହୋଇଯାଇଛି। ପ୍ରତ୍ୟେକ ଶୈବପୀଠରେ ଶ୍ରଦ୍ଧାଳୁମାନେ ଉଜାଗର ରହି ଜାଗର ଦୀପ ଜାଳିଛନ୍ତି। ବାହାଡାଖୋଲା ଫୁଲେଶ୍ୱର, ଡିମିରିପଲ୍ଲୀ ସିଦ୍ଧେଶ୍ୱର, ନୂଆଗାଁ ବିରୁପାକ୍ଷେଶ୍ୱର, ଉଠାଣିସାହି ରାମେଶ୍ୱର, ମହିପୁର ନୀଳକଣ୍ଠେଶ୍ୱର ମନ୍ଦିରରେ ଜାଗର ପାଇଁ ଦିନତମାମ ଗହଳି ଲାଗିରହିଥିଲା। ବିରୁପାକ୍ଷେଶ୍ୱର ମନ୍ଦିରରେ ଏହି ଯାତ୍ରା ତିନିଦିନ ଧରି ପାଳନ ହେବ। ଉଠାଣିସାହି ରାମେଶ୍ୱର ମନ୍ଦିରରେ ଭୋର ୫.୩୦ରେ ସକାଳ ଆଳତି ଓ ବିଶ୍ୱଶାନ୍ତି ପାଇଁ ଘୃତଯଜ୍ଞର ଆୟୋଜନ କରାଯାଇଥିଲା। ଦିନତମାମ ନାମସଂକୀର୍ତ୍ତନ ସହ ଯଜ୍ଞକାର୍ଯ୍ୟ ଚାଲୁରହିଥିଲା। ଶୈବପୀଠଗୁଡିକରେ ରାତ୍ର ୧୧ଟା ସମୟରେ ମହାଦୀପ ଉଠିଥିଲା।

**ଗଣିଆ,(ଡି.ଏନ.ଏ.):** ଜାଗର ଉପଲକ୍ଷେ ଗଣିଆ ବ୍ଲକର ସମସ୍ତ ଶୈବପୀଠ ସୋମବାର ଚଳଚଞ୍ଚଳ ହୋଇଉଠିଥିଲା। ଠାକୁରଙ୍କ ଦର୍ଶନ ପାଇଁ ଶିବ ମନ୍ଦିର ଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଠାକୁରଙ୍କ ଦର୍ଶନ ପାଇଁ ପଞ୍ଚୁପଲ୍ଲୀ ପ୍ରଗଣାର ଗୁପ୍ତେଶ୍ୱର ମହାଦେବ, ରାଉତପଡାର ଭୋଳେଶ୍ୱର ମହାଦେବ, ଉଙ୍କାରିସାହିର ଗଣିପତିଶ୍ୱର ଦେବ, ବଡମୂଳର କପିଳେଶ୍ୱର ଦେବ, ଇନ୍ଦିପଙ୍ଗାର ବିଶ୍ୱନାଥ ଦେବ, ଗଣିଆର ଲିଙ୍ଗରାଜ ଦେବ, ଜଗନ୍ନାଥପ୍ରସାଦର ବାଲୁଙ୍କେଶ୍ୱର ଦେବ ଓ ପତଣ୍ଡାର ଭୋଳେଶ୍ୱର ଦେବ ଆଦି ପୀଠରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥିଲା। ସନ୍ଧ୍ୟାରୁ ବ୍ରତଧାରୀ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଜାଗର ଜାଳିଥିଲେ। ମଧରାତ୍ର ପରେ ମହାଦୀପ ଉଠିବା ପାଇଁ ନିଷ୍ପତ୍ତି ହୋଇଥିବା ମନ୍ଦିର ପରିଚାଳନା କମିଟି ତରଫରୁ ସୂଚନା ମିଳିଛି। ରାଉତପଡା ଭୋଳେଶ୍ୱର ମହାଦେବଙ୍କ ଲିଙ୍ଗାୟିନୀ ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କର ସମାଗମ ହୋଇଥିଲା।

**ରଣପୁର,(ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ଏବଂ ଏହାର ଆଖପାଖ ଗୋପାଳପୁର, ଚାନ୍ଦପୁର, ସୁନାଖଳା ଓ ଦର୍ପନାରାୟଣପୁରସ୍ଥିତ ବିଭିନ୍ନ ଶୈବ ପୀଠଗୁଡ଼ିକରେ ସୋମବାର ମହାଶିବରାତ୍ରି ଓ ଜାଗରଯାତ୍ରା ପାଳିତ ହୋଇଯାଇଛି' ବାବା ଚଣ୍ଡେଶ୍ୱେର, ବାବା ସ୍ୱପ୍ନେଶ୍ୱର, ପୁରୁଣାବସନ୍ତସ୍ଥିତ ବାବା ବାଲୁଙ୍କେଶ୍ୱର, ମଝିଆଖଣ୍ଡର ବାବା କମଳେଶ୍ୱର, ତାଳବଣିର ବାବା ବୈଦେଶ୍ୱରଙ୍କ ପବିତ୍ର ପୀଠରେ ପ୍ରାତଃ ସମୟରୁ ପ୍ରବଳ ଜନ ସମାଗମ ଦେଖାଦେଇଥିଲା। ଶ୍ରଦ୍ଧାଳୁମାନେ ଦୀପ ଜାଳି ଜାଗର ପାଳନ କରିଥିଲେ। ଆଲୋକମାଳରେ ସୁସଜ୍ଜିତ ମନ୍ଦିର ଉପରେ ମହାଦୀପ ଉଠିବାବେଳେ ଶ୍ରଦ୍ଧାଳୁମାନେ ଭକ୍ତି ଓ ଆନନ୍ଦର ସହ ଦର୍ଶନ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ଅଷ୍ଟପ୍ରହର, ନାମଯଜ୍ଞ, ସଂକୀର୍ତ୍ତନ ଓ ପୂଜାର୍ଚ୍ଚନା ଆଦି ଅନୁଷ୍ଠିତ ହୋଇଥିଲା।

**ଖଣ୍ଡପଡ଼ା,(ସ୍ୱ.ପ୍ର.):** ମହାଶିବରାତ୍ରି ଅବସରରେ ସୋମବାର ଖଣ୍ଡପଡ଼ାର ବିଭିନ୍ନ ଶୈବପୀଠ ଓଁ ନମଃ ଶିବାୟ ପବିତ୍ର ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ନୀଳକଣ୍ଠେଶ୍ୱର ମନ୍ଦିର, ଟିଙ୍କଟୁଆ ନିକଟ ବନ୍ଧ ବିମଳେଶ୍ୱର ମହାଦେବ, ସୁବର୍ଣ୍ଣେଶ୍ୱର ମହାଦେବ, ବାଲୁଙ୍କେଶ୍ୱର ମହାଦେବ, ଲୋକନାଥଦେବ, ବାଘୁଆପଲ୍ଲୀ ଧବଳେଶ୍ୱର ମହାଦେବ, ଖଳିସାହି ନୀଳକଣ୍ଠେଶ୍ୱର, ବୋଦଶା ବାଲୁଙ୍କେଶ୍ୱର ମହାଦେବ, କଣ୍ଟିଲୋ ନୀଳମାଧବଜୀଉ ମନ୍ଦିର ଓ ପାର୍ଶ୍ୱ ଠାକୁର ସିଦ୍ଧେଶ୍ୱର ମହାଦେବ, କପିଳେଶ୍ୱର ମହାଦେବ ଓ ନିକଟସ୍ଥ ନାରାୟଣୀଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା' ଭକ୍ତି ଓ ଆନନ୍ଦର ସହ ଭକ୍ତମାନେ ଭୋରରୁ ଉଠି ବିଭିନ୍ନ ପୋଖରୀ ଓ ମହାନଦୀରେ ସ୍ନାନ କରି ମହାପ୍ରଭୁ ହରି ଓ ହରଙ୍କ ଦର୍ଶନ କରିଥିଲେ। କୁଞ୍ଜବିହାରୀ ପାଟଣା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଗୀତା ପାଠଶାଳା ପକ୍ଷରୁ ମଧ ମହାଶିବରାତ୍ରୀ ପାଳନ କରାଯାଇଥିଲା। କଣ୍ଟିଲୋସ୍ଥିତ ଅନ୍ୟ ୪ ଗୀତା ପାଠଶାଳାରେ ଶିବ ଧ୍ୱଜା ଉତ୍ତୋଳନ କରାଯାଇଥିଲା। ବଟେଶ୍ୱର ମହାଦେବଙ୍କ ପୀଠରେ ଶିବ ସହସ୍ର ନାମ, ଦୁଆରୀ ଓ ନବରଙ୍ଗୀ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

**ଦଶପଲ୍ଲା, (ଡି.ଏନ.ଏ.):** ପବିତ୍ର ଜାଗର ଯାତ୍ରା ଉପଲକ୍ଷେ ଦଶପଲ୍ଲାର ବିଭିନ୍ନ ଶୈବ ପୀଠରେ ମାନସିକଧାରୀ ଓ ଭକ୍ତଙ୍କ ଗହଳି ଲାଗିଥିଲା। ଶତାଧିକ ମାନସିକଧାରୀ ଶ୍ରଦ୍ଧାଳୁ ଶୈବପୀଠରେ ଉଜାଗର ରହି ଦୀପ ଜାଳିଥିଲେ। କେତେକ ପୀଠରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସାତପାଟଣା ଶୈବପୀଠ ସହ ଖଣ୍ଡପଡାର କାମନାଦେବ, ମାଳିସାହି, କାଳମ୍ବାସ୍ଥିତ ନୀଳକଣ୍ଠେଶ୍ୱର, ସୁବଳୟାର ଅର୍ଦ୍ଧକପିଳେଶ୍ୱର, ପୋଇବାଡର ଅସୁରେଶ୍ୱର, ବାଣିଗୋଛାର ଯୋଗେଶ୍ୱର ଆଦି ପୀଠରେ ଜନସମାଗମ ଦେଖିବାକୁ ମିଳିଥିଲା।



ନୀଳମାଧବ ମନ୍ଦିରରେ ଦୀପ ଜାଳି ଉଜାଗର ରହିଛନ୍ତି ଶ୍ରଦ୍ଧାଳୁ।

## ମେଧାବୃତ୍ତି ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**କୃଷ୍ଣପ୍ରସାଦ,୪।୩(ଡି.ଏନ.ଏ.)**

ଓଡ଼ିଶାର ବ୍ରହ୍ମପୁରସ୍ଥିତ ଅରବିନ୍ଦ ନଗର ଶିଶୁ ମନ୍ଦିରଠାରେ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ତରଫରୁ ଦକ୍ଷିଣ ଓଡିଶା ମେଧାବୃତ୍ତି ପରୀକ୍ଷା ରବିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟର ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଗଜପତି ଜିଲା, ଦକ୍ଷିଣ ଜୋନର ୪୧ ଟି ଶିଶୁମନ୍ଦିରର ୩ୟ, ୫ମ ଏବଂ ୭ମ ଶ୍ରେଣୀର ୩୫୪ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ତେବେ ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବଜ୍ରକୋଟ ସ୍ଥିତ ସରସ୍ୱତୀ ବିଦ୍ୟା ଶିଶୁ ବିଦ୍ୟାମନ୍ଦିର ସର୍ବାଗ୍ରେ କୃତିତ୍ୱ ହାସଲ କରିଥିବା ସୂଚନା ମିଳିଛି। ୭ମ ଶ୍ରେଣୀର ଜ୍ୟୋତି ପ୍ରଭା ବିଶ୍ୱାଳ ପ୍ରଥମ, ମନିଷା ବିଶ୍ୱାଳ ୨ୟ ସ୍ଥାନ ହାସଲ କରିଛନ୍ତି। ସେହିଭଳି ୫ମ ଶ୍ରେଣୀର ଉତ୍ତମ କୁମାର ସାହୁ ୨ୟ, ସୌମ୍ୟଜିତ ପ୍ରଧାନ ୩ୟ ଏବଂ ଅବିନାଶ ବିଶ୍ୱାଳ ଏକାଦଶ ସ୍ଥାନ ପାଇଛନ୍ତି। ୩ୟ ଶ୍ରେଣୀର ସିମରନ ପ୍ରିୟଦର୍ଶିନୀ ଜେନା ୪ର୍ଥ, ଓମ୍ ପ୍ରତିମ ଜେନା ୭ମ ସ୍ଥାନ ଅଧିକାର କରିଛନ୍ତି। ଚଳିତ ବର୍ଷ ବଜ୍ରକୋଟ ଶିଶୁ ମନ୍ଦିରରୁ ୯ ଜଣ ପରୀକ୍ଷାର୍ଥୀ ପ୍ରତିଯୋଗିତାରେ ଭାଗ ନେଇଥିବାବେଳେ ୭ଜଣ ପୁରସ୍କୃତ ହୋଇଛନ୍ତି। ଏହି ଅବସରରେ ବିଦ୍ୟାଳୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଓଡ଼ିଶାର ପୂର୍ବତନ ବାଚସ୍ପତି ରାମଚନ୍ଦ୍ର ପଣ୍ଡା ଓ ସମ୍ମାନିତ ଅତିଥିଭାବେ ଶିଶୁ ମନ୍ଦିର ମହାମଣ୍ଡଳେଶ୍ୱର କମଳାକାନ୍ତ ଦାସ ମହାରାଜ ଯୋଗ ଦେଇ କୃତୀ ଛାତ୍ରୀଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।